## ଶ୍ରମ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ଶ୍ରମ କାର୍ଯ୍ୟାଳୟ ଘେରିଲେ ନିର୍ମାଣ ଶ୍ରମିକ

ଆସିକା, ୨୫।୮ (ସମିସ)

ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆ ସହ ଅନୁବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ ଗଞ୍ଜାମ ଜିଲ୍ଲା କମିଟି ନେତୃତ୍ୱରେ ଆସିକା କଇଁଫୁଲିଆ ଛକରେ ୪ଟି ବ୍ଲକର ଶତାଧିକ ଶ୍ରମିକ ଏକାଠି ହୋଇ ଶ୍ରମ କାର୍ଯ୍ୟାଳୟ ଘେରାଉ କରିଥିଲେ। ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀ ଆଇନ ୧୯୪୮, ସମାନ କାମକୁ ସମାନ ମଜୁରି ଆଇନ ୧୯୭୬, ଭବିଷ୍ୟନିଧି ପାଣ୍ଠି ଆଇନ ୧୯୫୨ର ଖୋଲାଖୋଲି ଉଲଙ୍ଘନକାରୀ ଏବଂ ମଜୁରି ହରିଲୁଟ କରୁଥବା ମାଲିକ, ଠିକାଦାର ଓ ପ୍ରତିଷ୍ଠାନ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ଆବେଦନର ୩୦ ଦିନ ମଧ୍ୟରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ସମସ୍ତ ସହାୟତା ରାଶି ଜମା କରିବା ଆଦି ୭ ଦଫା ଦାବିରେ ଆସିକା ଶ୍ରମ କାର୍ଯ୍ୟାଳୟ ଘେରାଉ କରିଥିଲେ। ଟି.ୟୁ.ସି.ଆଇର ରାଜ୍ୟ ସଭାପତି ବିଚିତ୍ର ପାତ୍ର ତାଙ୍କ ବକ୍ତବ୍ୟରେ ଗଞ୍ଜାମ ଜିଲ୍ଲାର ଭାତହାଣ୍ଡି ରୂପେ ପରିଚିତ ଆସିକା ଚିନିଶିଳ୍ପ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କହିଥିଲେ। ସେହିପରି ଶ୍ରମବିଭାଗ ଚେଇଁ ଶୋଇଥିବାରୁ ମନଇଛା ଶ୍ରମ ଶୋଷଣ କରୁଥିବା ମାଲିକ, ଠିକାଦାର, ମାନଙ୍କ ବିରୁଦ୍ଧରେ କୌଣସି ବିଭାଗ କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ସି.ପି. ଆଇ(ଏମ୍‌ଏଲ୍) ରେଡଷ୍ଟାର ଜିଲ୍ଲା ସମ୍ପାଦକ ଶଙ୍କର ସାହୁ ପ୍ରକାଶ କରିଛନ୍ତି। ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନର ଜିଲ୍ଲା ସଭାନେତ୍ରୀ ପି.ପାର୍ବତୀ, ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ବାଡ଼ତ୍ୟା, ମାମି ବେହେରା, ଅକ୍ଷୟ ସାହୁ, ଦିଲ୍ଲୀପ ପରିଡ଼ା, ଗୌତମ ନାହକ, ହର ନାହକ, କାଳିଆ ନାହକ, ରାମ ମହାଙ୍କୁଡ, ନିରଞ୍ଜନ ନାହକ ପ୍ରମୁଖଙ୍କ ସମେତ ଶତାଧିକ ଶ୍ରମିକ ସାମିଲ୍ ହୋଇଥିଲେ।




## ଛାତ୍ରଙ୍କୁ ଆକ୍ରମଣ କଲେ ଅଣଛାତ୍ର

ବ୍ରହ୍ମପୁର, ୨୫।୮ (ସମିସ): ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ସବୁବେଳେ ଚର୍ଚ୍ଚାରେ ରହୁଛି। ଏଠାରେ ଛାତ୍ରଛାତ୍ରୀ ମଧ୍ୟ ଆଉ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏହି ନିର୍ବାଚନ ମଣ୍ଡଳୀ ପରିସରଭୁକ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗତ କିଛିଦିନ ତଳେ ଜଣେ ଛାତ୍ରଙ୍କୁ ଅଣଛାତ୍ର ଆକ୍ରମଣ କରିଥିବା ବେଳେ ଏବେ ପୁଣି ଗୋପାଳପୁର କଲେଜ ନିକଟରେ ଜଣେ ଛାତ୍ରଙ୍କୁ ଅଣଛାତ୍ର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଚର୍ଚ୍ଚା, ଆଲୋଚନା ଓ ପର୍ଯ୍ୟାଲୋଚନା ଜାରି ରହିଛି। ଛାତ୍ରସଂସଦ ନିର୍ବାଚନ ହେବା ଆଶା ନେଇ ସମ୍ପ୍ରତି ଅଣଛାତ୍ରମାନେ କଲେଜ ମୁହାଁ ହୋଇଥିବା ବେଳେ ଗୋପାଳପୁରରେ ଏହାର ଭୟାବହ ପରିସ୍ଥିତି ସୃଷ୍ଟି ହେଉଛି। ସୂଚନା ପ୍ରକାରେ ଗୋପାଳପୁର କଲେଜ ନିକଟରେ ଆଜି କିଛି ଅଣଛାତ୍ର ସଂଘବଧ ଭାବେ ଜଣେ ଛାତ୍ରଙ୍କୁ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ଛାତ୍ର ଜଣକ ହେଲେ ଏହି କଲେଜର ଯୁକ୍ତ ୩ ପ୍ରଥମ ବର୍ଷ ବିଜ୍ଞାନର ଛାତ୍ର ସର୍ବେଶ୍ୱର ଭୂୟାଁ। ସର୍ବେଶ୍ୱର ଆଜି କଲେଜରୁ କ୍ଲାସ ସାରି ବାହାରକୁ ବାହାରି ଫୋନରେ କଥା ହୋଇ ଯାଉଥିବା ସମୟରେ କିଛି ଅଣଛାତ୍ର କୌଣସି କାରଣକୁ ନେଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏମିତିକି ଏଥିରେ ଗୋପାଳପୁର କଲେଜର ଯୁକ୍ତ ୨ର କିଛି ଛାତ୍ର ମଧ୍ୟ ରହିଥିବା ସୂଚନା ମିଳିଛି। କୌଣସି ସୂତ୍ରରୁ ଖବର ପାଇଁ ଗୋପାଳପୁର ପୁଲିସ ସେଠାରେ ପହଞ୍ଚିଥିଲା। ପୁଲିସକୁ ଦେଖି ଅଣଛାତ୍ର ମାନେ ସେଠାରୁ ଚମ୍ପଟ ମାରିଥିଲେ। ପୁଲିସ ଛାତ୍ର ଜଣଙ୍କୁ ପଚରାଉଚୁରା କରିବା ପରେ ଗୋପାଳପୁର କଲେଜ ଅଧକ୍ଷ ଡ଼.ରାମ ପ୍ରସାଦ ପଣ୍ଡାଙ୍କ ସହ ଘଟଣା ବିଷୟରେ ଆଲୋଚନା କରିଥିଲେ। ଏନେଇ ଅଧକ୍ଷ ମାଡ଼ ଖାଇଥିବା ଛାତ୍ର ଜଣକୁ ଡାକି ପଚରାଉଚୁରା କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଛାତ୍ରଙ୍କୁ ଚିହ୍ନଟ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଅପରପକ୍ଷେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ଅଭିଳାଷ ମିଶ୍ରଙ୍କୁ ଆକ୍ରମଣ ଘଟଣାରେ ପୁଲିସ ଏଯାବତ ଅଭିଯୁକ୍ତଙ୍କୁ ଗିରଫ କରି ପାରିନଥିବା ବେଳେ ଗୋପାଳପୁର କଲେଜ ଘଟଣାରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ସେନେଇ ସାଧାରଣରେ ଆଲୋଚନା ଜୋର ଧରିଛି।

## ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ବାର୍ଷିକୋତ୍ସବ ଉଦ୍‌ଯାପିତ

ବ୍ରହ୍ମପୁର, ୨୫।୮ (ସମିସ): ଗୋପାଳପୁରଠାରେ ତିନି ଦିନ ଧରି ଚାଲିଥିବା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ୧୬ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଡ୍ୟାନସ୍ ଗ୍ରୁପର ମୁଖ୍ୟ ତଥା ପ୍ରତିଷ୍ଠାତା ଟି.କ୍ରିଷ୍ଣା ମୋହନ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେଡିକାଲ କ୍ୟାମ୍ପସ ଏସ୍‌ବିଆଇ ବ୍ରାଞ୍ଚର ମ୍ୟାନେଜର ଚନ୍ଦନ ଚୌଧୁରୀ ଯୋଗ ଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ଗଜପତି,



ରାଉରକେଲା, ପୁରୀ, ଭୁବନେଶ୍ୱର, ରାୟଗଡ଼ା ଗଞ୍ଜାମ ଜିଲ୍ଲାର ପ୍ରାୟଶହେରୁ ଅଧିକ କଳାକାର ଯୋଗଦେଇ ସର୍ବ କନିଷ୍ଠ, କନିଷ୍ଠ ଓ ବରିଷ୍ଠଙ୍କ ବର୍ଗର ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ବି.ମାଧୁରୀ, ଆୟୁଷ୍ମାନ, ଫ୍ରିଶୀ, ବିବେକ ଶର୍ମା ଦାୟିତ୍ୱ ତୁଲାଇଥିଲେ।

## ନୂତନ ରେଞ୍ଜରଙ୍କ ଦାୟିତ୍ୱ ଗ୍ରହଣ



ରମ୍ଭା, ୨୫।୮ (ସମିସ): ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟରେ ନୂତନ ରେଞ୍ଜର ଭାବେ ମାନସ ମହାପାତ୍ର ଯୋଗ ଦେଇଛନ୍ତି। ଜଙ୍ଗଲ ସୁରକ୍ଷା, ସଂରକ୍ଷଣ, ଦାୟିତ୍ୱ ପ୍ରଥମ କର୍ତ୍ତବ୍ୟ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ତତ ସହିତ ଉପରୋକ୍ତ ଅଞ୍ଚଳ, ବାସିନ୍ଦା ଓ ସାଧାରଣ ଜନତାଙ୍କ ସାଥିରେ ଅତୀତରେ ରହିଥିଲି। ବର୍ତ୍ତମାନ କିଛି ନୂତନତ୍ୱ ନେଇ ସାମିଲ ହେବା ପାଇଁ ପ୍ରୟାସ ଜାରି ରଖିବି ବୋଲି ସୂଚାଇଥିଲେ। ପୂର୍ବରୁ ଥିବା ରେଞ୍ଜର ବବୁଲ ମଲ୍ଲିକଙ୍କୁ ଅନ୍ୟତ୍ର ବଦଳି ହୋଇଛି।

## ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ସାନଖେମୁଣ୍ଡି, ୨୫।୮ (ସମିସ): ସ୍ଥାନୀୟ ପୋଡ଼ାମାରୀ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟରେ ସାନଖେମୁଣ୍ଡି ଜୋନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଇ. ପ୍ରଦୀପ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ କୁରେସୁ ସେଠି ଉଦଘାଟନ କରିଥିଲେ।

ଅନ୍ୟତମ ଅତିଥି ଭାବେ ଛଣମେରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଜଗଦୀଶ ମୁନି, ଏବିଇଓ ରିତାଞ୍ଜଳୀ ରଥ ଏବଂ ଶୁକଦେବ ମଲ୍ଲିକ, ସାନଖେମୁଣ୍ଡି କ୍ରୀଡା ସଚିବ ଶମ୍ଭୁପାଣି ପ୍ରଧାନ, ପୋଡାମାରୀ କଲେଜ କ୍ରୀଡା ଶିକ୍ଷକ ସୁରେନ୍ଦ୍ର ବେହେରା, ସିଆରସିସି ମାଧବ ସେଠୀ, ମନୋଜ କୁମାର ପ୍ରଧାନ, ଶିବରାମ ପଣ୍ଡା ଏବଂ ବିଜୟ ଗୌଡ଼ ମଞ୍ଚାସୀନ ଥିଲେ। ପୋଡାମାରୀ କଲେଜର ଇଂରାଜୀ ଅଧାପକ ଦୁର୍ଯ୍ୟୋଧନ ଜେନା ସଭାକାର୍ଯ୍ୟ ସଂଯୋଜନା କରିଥିଲା ବେଳେ ଦ୍ୱିତୀୟ ବର୍ଷ ଛାତ୍ରୀ ଉର୍ମିଳା କାର୍ଜୀ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଅପରାହ୍ଣ ୫ ଘଟିକା ସମୟରେ ଉଦଯାପନ ଉତ୍ସବରେ ବିଇଓଙ୍କ ସମେତ ଜିଲ୍ଲାସ୍ତରରୁ ଆସିଥିବା ଶିକ୍ଷାନବୀଶ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀ ସୋନମ ଅଗ୍ରୱାଲ, ସମିନା ଅକ୍ତାରୀ, ରାକେଶ କୁମାର ବେହେରା, ମନମୋହନ ସାହୁ ଓ କୀର୍ତିସାଇ ଶୁକ୍ଳ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ଅଧାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

### ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳୁ ବୋମା ଓ ଖଣ୍ଡା ଜବତ ଘଟଣା

## ବୋମା ଯୋଗାଣକାରୀ ଶ୍ରୀକାନ୍ତ ଗିରଫ



ବ୍ରହ୍ମପୁର, ୨୫।୮ (ସମିସ): ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳୁ ଜୀବନ୍ତ ବୋମା ଓ ଖଣ୍ଡା ଜବତ ଘଟଣାରେ ବୈଦ୍ୟନାଥପୁର ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଆସିକା ନଳବଣ୍ଟା ପଠାଣ ସାହି ତଥା ଗୋଇଲୁଣ୍ଡିରେ ରହୁଥିବା ଶ୍ରୀକାନ୍ତ ପଣ୍ଡା(୨୪)। ଅଭିଯୁକ୍ତ ଶ୍ରୀକାନ୍ତ ହିଁ ଅନ୍ୟ ଅଭିଯୁକ୍ତଙ୍କୁ ବୋମା ଯୋଗାଣ କରିଥିଲା। ସେହିପରି ଅଭିଯୁକ୍ତ ଶ୍ରୀକାନ୍ତ ନାମରେ ପୂର୍ବରୁ ନିମଖଣ୍ଡି ଥାନା ଓ ବୈଦ୍ୟନାଥପୁର ଥାନାରେ ଏକାଧିକ ମାମଲା ରହିଛି। ସେ ବୋମା ପ୍ରସ୍ତୁତ କରିବା ସହ ବୋମା ଯୋଗାଣ ଭଳି ଅପରାଧରେ ଜଡିତ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ମଇ ମାସ ୭ ତାରିଖ ରାତି ୧୧ଟା ବେଳେ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳେ ଏକ ବ୍ୟାଗ ଭିତରେ ୩ଟି ଜୀବନ୍ତ ବୋମା ଓ ୫ଟି ଖଣ୍ଡା ପଡ଼ିଥିବା କିଛି ଲୋକ ଦେଖିଥିଲେ। ଖବରପାଇ ବୈଦ୍ୟନାଥପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଜୀବନ୍ତ ବୋମାକୁ ନିଷ୍କ୍ରିୟ କରିଥିଲେ। ଘଟଣାକୁ ନେଇ ଥାନାରେ ଏକ ମାମଲା(୨୫୩/୨୫) ରୁଜୁ କରିବା ସହ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିଲା।। ତଦନ୍ତ ବେଳେ ପୁଲିସ ପ୍ରଥମେ ପ୍ରେମନଗରର ମଣି ରାଓ(୨୩)ଙ୍କୁ ଗିରଫ କରିଥିଲା। ତାଙ୍କ ପଚରାଉଚରା ପରେ କୁମ୍ଭାରପଲ୍ଲୀ ବନ୍ଧହୁଡା ରେ ଥିବା ନୀଳମାଧବ ସାହୁ ଓରଫ ଭବାନୀଙ୍କ ଘରେ ଚଢଉ କରାଯାଇଥିଲା। ସେଠାରୁ ନିଳମାଧବ ସମେତ କାଳିଆ ଦାସ ଓରଫ ଗୌରା, ଦୀନବନ୍ଧୁ ଦାସ ଓରଫ ଛୋଟା ଓ ପ୍ରଭାତ ଦାସଙ୍କୁ ଗିରଫ କରିଥିଲା। ଏହି ଅଭିଯୁକ୍ତମାନେ ଶତ୍ରୁତାକୁ କେନ୍ଦ୍ର କରି ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓ ଅରଫ ବୁଲୁ ଜେଲରୁ ବାହାରିବା ପରେ ତାଙ୍କୁ ହତ୍ୟା ପାଇଁ ଓଭର୍‌ବ୍ରିଜ ତଳେ ବୋମା ଓ ଖଣ୍ଡା ରଖିଥିଲେ ବୋଲି ପୁଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ଶ୍ରୀକାନ୍ତ ୪ ଟି ବୋମା ଯୋଗାଇଥିବା ବେଳେ ପ୍ରଶାନ୍ତ ୮ଟି ଖଣ୍ଡା ଯୋଗାଇଥିଲା ବୋଲି ମଧ୍ୟ ତଦନ୍ତରୁ ଜଣାପଡ଼ିଥିଲା ବୋଲି ଏସପି କହିଛନ୍ତି। ଗତ ଜାନୁଆରୀ ମାସରେ ଲାଞ୍ଜିପଲ୍ଲୀ ଖଜୁରିଆ ଜାତୀୟ ରାଜପଥ ନିକଟସ୍ଥ ଏକ ଅର୍ଦ୍ଧନିର୍ମିତ ଘରୁ ଏକ ବ୍ୟାଗରୁ ୭ଟି ବୋମା ଜବତ ଜବତ କରିଥିଲା ପୁଲିସ। ଏହି ଘଟଣାରେ ସମ୍ପୃକ ଅଭିଯୁକ୍ତ ସ୍ୱରାଜ ବିଷୋୟୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୁକ୍ତ ଶ୍ରୀକାନ୍ତ ପଣ୍ଡା, ରବି ଓ ଅମିତ ପାତ୍ରଙ୍କ ସମେତ ଏକାଧିକ ଅଭିଯୁକ୍ତ ଫେରାର ରହିଥିଲେ। ଆଜି ଶ୍ରୀକାନ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅବସର ସେନା କର୍ମଚାରୀଙ୍କୁ ଠକେଇ ଘଟଣା, ଅଭିଯୁକ୍ତ ଗିରଫ



ବ୍ରହ୍ମପୁର, ୨୫।୮ (ସମିସ): ନିଜକୁ ଏସ୍‌ବିଆଇ ହିଞ୍ଜିଳିକାଟୁ ଶାଖା ପରିଚାଳକ ପରିଚୟ ଦେଇ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କଠାରୁ ଟଙ୍କା ଠକେଇ ଘଟଣାରେ ହିଞ୍ଜିଳି ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ନିମଖଣ୍ଡି ଥାନା ଶକ୍ତି ନଗର ଅଞ୍ଚଳର ସନ୍ତୋଷ ବେହେରା (୫୦)। ଗିରଫ ଅଭିଯୁକ୍ତଙ୍କଠାରୁ ପୁଲିସ ଏକ ମୋଟର ସାଇକଲ ଓ ୨୦ହଜାର ୫ଶହ ଟଙ୍କା ଜବତ କରିଛି। ସୂଚନାଯୋଗ୍ୟ ଯେ, ହିଞ୍ଜିଳି ଥାନା ଚାନ୍ଦୁଲି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ସାଇବ ସାହୁ ଗତ ଜୁନ ୬ତାରିଖରେ ପେନସନ ଟଙ୍କା ଉଠାଇବା ପାଇଁ ହିଞ୍ଜିଳିକାଟୁ ଏସବିଆଇ ଶାଖାକୁ ଆସିଥିଲେ। ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ ଛକ ନିକଟରେ ଜଣେ ଅଜଣା ବ୍ୟକ୍ତି ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଅଟକାଇବା ସହ ନିଜକୁ ହିଞ୍ଜିଳିକାଟୁ ଏସବିଆଇ ହିଞ୍ଜିଳିକାଟୁ ଶାଖା ପରିଚାଳକ ପରିଚୟ ଦେଇ ପେନସନ ବାବଦକୁ ମାସିକ ୩୦ହଜାର ଟଙ୍କା ପରିବର୍ତ୍ତେ ଆପଣ ୨୨ ହଜାର ଟଙ୍କା ଲେଖାଏଁ ପାଉଛନ୍ତି କାହିଁକି ବୋଲି ପ୍ରଶ୍ନ କରିଥିଲେ। ବ୍ୟାଙ୍କକୁ ଆସି ଉଠାଇଥିବା ୨୨ ହଜାର ଟଙ୍କା ଜମା କରନ୍ତୁ ଏବଂ ୩୦ ହଜାର ଟଙ୍କା ଉଠାଇ ନେବାକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଅବସର ସେନାକର୍ମଚାରୀଙ୍କୁ କହିଥିଲେ। ବ୍ୟାଙ୍କ ଠାରୁ କିଛି ଦୂରରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଅପେକ୍ଷା କରିବାକୁ କହିବା ସହ ଉଠାଇଥିବା ପେନସନ ବାବଦକୁ ୨୨ହଜାର ଟଙ୍କା ଜମା କରିଦେବାକୁ କହି ତାଙ୍କ ଠାରୁ ଟଙ୍କା ଆଣି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ନେଇ ଗତ ଜୁନ୍ ୬ ତାରିଖରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୁଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ ପରେ ଚିହ୍ନଟ ହୋଇଥିବା ଅଭିଯୁକ୍ତ ଜଣକ ସନ୍ତୋଷ ବେହେରା ଓରଫ ଅଙ୍କଲ୍ ବୋଲି ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ଗତ ଗୁରୁବାର ଅଭିଯୁକ୍ତ ସନ୍ତୋଷକୁ ଗିରଫ କରିବାରେ ସଫଳ ହୋଇଛି।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ସୁନା ଚେନ ଲୁଟ୍

ବ୍ରହ୍ମପୁର, ୨୫।୮ (ସମିସ): ମାତ୍ର ତିନିମିଟ୍‌ର ଅପରେସନରେ ଜଣେ ଅବସରପ୍ରାପ୍ତ ଶିକ୍ଷୟୀତ୍ରୀଙ୍କଠାରୁ ସୁନାଚେନ ଲୁଟ୍ କରିବାରେ ସଫଳ ହୋଇଛି ଲୁଟେରା। ସୋମବାର ଦିନ ଦ୍ୱିପହରେ ସଦରଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଗ୍ରାମ ଚୌଧୁରୀ ନଗର ନିକଟରେ ଜଣେ ଦୁର୍ବୃତ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା କୁକୁଡ଼ାଣ୍ଡି ସୂର୍ଯ୍ୟନଗର ନିବାସୀ ତାରାବତୀ କୋଠିଆଙ୍କ ବେକରୁ ସୁନା ଚେନ ଲୁଟି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଛି ଦୁର୍ବୃତ୍ତ।

ସୂଚନାଯୋଗ୍ୟ ତାରାବତୀ ନିଜ ଗ୍ରାମ ନିକଟରେ ଚଲାବୁଲା କରୁଥିବା ସମୟରେ ଜଣେ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କ ପିଛା କରି ଏପଟସେପଟ ହେଉଥିଲା। ଦିନ ୧୧ଟା ୪୧ମିନିଟ୍ ସମୟରେ ଦୁର୍ବୃତ୍ତ ଜଣକ ଚୋରିର ଅପରେସନ ଆରମ୍ଭ କରିଥିଲା। ୧୧.୪୪ସମୟରେ ତାରାବାତୀଙ୍କ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଗଲା। ଏହି ଦୃଶ୍ୟ ନିକଟରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଏନେଇ ତାରାବତୀ ସଦର ଥାନାର ଦ୍ୱାରସ୍ଥ ହୋଇ କଏଦ ଚିତ୍ରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଲୁଟ ହୋଇଥିବା ସୁନା ଚେନ ଉଦ୍ଧାର କରି ପୁଲିସକୁ ନିବେଦନ କରିଛନ୍ତି। ଫୁଟେଜକୁ ଆଧାର କରି ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସାନଖେମୁଣ୍ଡି, ୨୫।୮ (ସମିସ): ପାଟପୁର ଥାନା ଦୟାନିଧିପୁର ପଞ୍ଚାୟତ ଏ.ଚନ୍ଦ୍ରମଣିପୁର ଗ୍ରାମରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ଯୁବତୀ ଜଣଙ୍କ ହେଲେ ଚନ୍ଦ୍ରମଣିପୁର ଗ୍ରାମର ବୈଶାଖୀ ଜେନା(୧୮)। ଘରେ କେହି ନଥିବା ବେଳେ ବୈଶାଖୀ ଘରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିଲେ। ଘରେ କବାଟ ନ ଖୋଲିବାରୁ ଘରର ତାଲା କବାଟ ଭାଙ୍ଗି ଥିଲେ ପରିବାର ଲୋକେ। ପୁଲିସ ମୃତଦେହ ଜବତ କରିଥିବା ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଇଛି।

## ପିକ୍‌ନିକ୍ ଯାଇ ଯୁବକ ନିଖୋଜ

ପାତ୍ରପୁର, ୨୫।୮ (ସମିସ): ଜରଡ଼ା ଥାନା ବୁରାତାଲ ପଞ୍ଚାୟତ ଅନ୍ତର୍ଗତ ବାରାହା ପଥର ପିକନିକ୍ ଯାଇ ଜଣେ ଯୁବକ ନିଖୋଜ ଥିବା ବେଳେ ଦୁଇ ଦିନ ଧରି ପୁଲିସ ଓ ଦମକଳ ବାହିନୀ ଖୋଜି ଖୋଜି ନୟାନ୍ତ ହୋଇଛନ୍ତି। ରବିବାର କବିସୂର୍ଯ୍ୟ ନଗର ଥାନା ଅନ୍ତର୍ଗତ କଲମ୍ବ ଗ୍ରାମର କିଛି ଯୁବକ ସାଙ୍ଗସାଥୀ ହୋଇ ବରାହା ପଥର ପିକ୍‌ନିକ୍ ଆସିଥିଲେ। ନରେନ୍ଦ୍ର ସାହୁ (୩୦) ଶୌଚ ହେବାପାଇଁ ଯାଉଥିବା କହି ଦୀର୍ଘ ସମୟ ଧରି ଫେରି ନଥିଲେ। ସାଙ୍ଗ ମାନେ ବହୁ ଖୋଜାଖୋଜି କରି ମଧ୍ୟ ତାଙ୍କର ଟେର ନ ପାଇବାରୁ ବାଧ୍ୟ ହୋଇ ପୁଲିସକୁ ଜଣାଇଥିଲେ। ଜରଡ଼ା ଥାନା ପୁଲିସ ଓ ପାତ୍ରପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତନାଘନା କରୁଥିବା ବେଳେ ନିରୁଦ୍ଧିଷ୍ଟ ନରେନ୍ଦ୍ରଙ୍କ କୌଣସି ପତ୍ତା ମିଳିନି। ଏ ନେଇ ନିରୁଦ୍ଧିଷ୍ଟ କେସ ନଂ ୩୧/୨୫ ରେ ଏକ ମାମଲା ରୁଜୁ ହୋଇ ଅନୁସନ୍ଧାନ ଜାରୀ ରହିଥିବା ଆଇଆଇସି ଟୁନା ସାସମଲ କହିଛନ୍ତି।

## ନବରାତ୍ର ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପାତ୍ରପୁର, ୨୫।୮ (ସମିସ): ପାତ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା କୁଠାରୀଶ୍ୱରୀଙ୍କ ୫୯ ତମ ନବରାତ୍ର ପୂଜା ପାଇଁ ସୋମବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା କମିଟି ସଭାପତି ପି.ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ଦ୍ୱାରା ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ପାରମ୍ପରିକ ବାଦ୍ୟ ସହ ସଙ୍କୀର୍ତ୍ତନ ମଣ୍ଡଳୀ ବାହାରି ମାଙ୍କ ମନ୍ଦିରରେ ପହଞ୍ଚିବା ପରେ ପଣ୍ଡିତ ରଘୁନାଥ ଶତପଥୀ, ସୂର୍ଯ୍ୟ ନାରାୟଣ ପାଢ଼ୀଙ୍କ ବେଦ ଧ୍ୱନି ଏବଂ ମାଙ୍କ ର୍ମାଜଣା ଓ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ତଥା ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଏବଂ ଗ୍ରାମବାସୀଙ୍କ ଦ୍ୱାରା ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ସବୁ ବର୍ଷ ଭଳି ଚଳିତବର୍ଷ ମଧ୍ୟ ମା'ଙ୍କ ପୀଠରେ ନବରାତ୍ର ପୂଜା ଆସନ୍ତା ସେପ୍ଟେମ୍ବର ମାସ ୨୧ ତାରିଖ ମହାଳୟା ଅମାବାସ୍ୟାରୁ ଆରମ୍ଭ ହୋଇ ମହାଷ୍ଟମି ସେପ୍ଟେମ୍ବର୨୯ ତାରିଖ ମଧ୍ୟରାତ୍ରରେ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

ଏହି ଉତ୍ସବରେ ଗ୍ରାମର ତଥା ନବରାତ୍ର ପୂଜା କମିଟି କୋଷାଧ୍ୟକ୍ଷ ସୁରେଶ କୁମାର ପଟ୍ଟନାୟକ, ସତ୍ୟମ ପଟ୍ଟନାୟକ, ସଦାନନ୍ଦ ନାୟକ, ରାଧାକାନ୍ତ ଦଳେଇ, ଶିବାନନ୍ଦ ଆଚାରୀ, ମାଗତା ଅଧିକାରୀ, ଲବ ନାୟକ, ଲକ୍ଷ୍ମୀ ନାରାୟଣ ମିଶ୍ର, ନିତେଶ କୁମାର ମହାନ୍ତି, ମିଶାଣ ସାହୁ, ଅଲେଖ ପଣ୍ଡା, ମନ୍ଦିର ପୂଜକ ନରହରି ରଣା, ଅଭି ରଣା, ଦିବାକର ରଣା, କୈଳାଶ ରଣା, ଅନିଳ ରଣା, କୃଷ୍ଣ ରଣା, ରତନ ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ଭକ୍ତ ଉପସ୍ଥିତ ଥିଲେ।

## ଏମ୍‌କେସିଜି ପକ୍ଷରୁ ଚକ୍ଷୁଦାନ ପକ୍ଷ ପାଳିତ




ବ୍ରହ୍ମପୁର, ୨୫।୮ (ସମିସ): ଏମ୍‌କେସିଜି ମେଡିକାଲ ଚକ୍ଷୁ ବିଭାଗ ପକ୍ଷରୁ ଚକ୍ଷୁଦାନ ପକ୍ଷ ପାଳିତ ହୋଇଛି। ଏଥିରେ ଅତିଥି ଭାବେ ମେଡିକାଲ କଲେଜ ଓ ହସପିଟାଲ ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏ ଅବସରରେ ବିଭାଗର ଡାକ୍ତର ଓ କର୍ମଚାରୀ ମାନେ ଏକ ଶୋଭାଯାତ୍ରା ବାହାରି ମେଡିକର ପରିସରରେ ବୁଲି ଲୋକଙ୍କୁ ସଚେତନ କରିଥିଲେ। ମୃତ୍ୟୁ ପରେ ମୃତ ବ୍ୟକ୍ତିଙ୍କ ଚକ୍ଷୁ ଦାନ କରିବା ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ଦୃଷ୍ଟି ଶକ୍ତି ଫେରାଇବାକୁ ଚେଷ୍ଟା କରିବା ବୋଲି ଲୋକଙ୍କ ସଚେତନତା କରିଥିଲେ। ଏହା ସହ ମୃତ ବ୍ୟକ୍ତିଙ୍କ ଚକ୍ଷୁ ଦାନ ସମ୍ପର୍କିତ ବିଭିନ୍ନ ନିୟମ ସଚେତନ କରିଥିଲେ। ଚାଳିତ ମାସ ୨୫ତାରିଖ ଠାରୁ ସେପ୍ଟେମ୍ବର ତାରିଖ ପର୍ଯ୍ୟନ୍ତ ଏଭଳି ସଚେତନତା ଜାରି ରହିବା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ ପାଢ଼ୀ, ଫ୍ରେଣ୍ଡସ ହେଲ୍ପିଂ କ୍ଲବର ବି. ନାଗେଶ୍ୱର ସୁବୁଦ୍ଧିଙ୍କ ସମତେ ଏମକେସିଜି ମେଡିକାଲ ଚକ୍ଷୁ ବିଭାଗର ସମେତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଶାଶୂ ଶ୍ୱଶୁରଙ୍କ ସ୍ୱପ୍ନ ସାକାର ପାଇଁ ପ୍ରୟାସ

# ୩୨ ବର୍ଷ ଧରି ମୂର୍ତ୍ତି ନିର୍ମାଣ କରୁଛନ୍ତି ଲିଲି

ଧରାକୋଟ, ୨୫।୮ (ସମିସ)



ଗୋଟିଏ ହାତରେ ରଙ୍ଗ ଗିନା ଅନ୍ୟ ହାତରେ ତୂଳୀ। ମୂର୍ତ୍ତି ଗଢ଼ିବା ଲକ୍ଷ୍ୟରେ ସେ ନିଜର ସାଧନା ଓ ଏକାଗ୍ରତାକୁ ଉପଯୋଗ କରି ଆଜି ମହିଳା ହେଲେ ମଧ୍ୟ ଜଣେ ସଫଳ ଶିଳ୍ପୀ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଦୀର୍ଘ ୩୨ ବର୍ଷ ଧରି ମୂର୍ତ୍ତି ନିର୍ମାଣ କରୁଛନ୍ତି ମହିଳା ଶିଳ୍ପୀ ଲିଲି ମହାପାତ୍ର। ନୟାଗଡ଼ ଜିଲ୍ଲାର ବାଙ୍କତରାରେ ତାଙ୍କର ଜନ୍ମ। ଧରାକୋଟ ଗଡ଼ର କିଶୋର ଚନ୍ଦ୍ର ମହାପାତ୍ରଙ୍କୁ ବିବାହ ପରେ ତାଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଆସିଥିଲା। ଶାଶୁ ଶଶିକଳା ମହାପାତ୍ର, ଶଶୁର ଯୋଗେନ୍ଦ୍ର ମହାପାତ୍ର ଘରେ ମାଟି କଣ୍ଢେଇ, ଚଢେଇ, ଶୁଆ, ଶାରି ସାଙ୍ଗକୁ ବିଭିନ୍ନ ଦେବାଦେବୀଙ୍କର ମାଟି ଓ ଗୋବର ମୂର୍ତ୍ତି ନିର୍ମାଣ କରୁଥିଲେ। ସେମାନଙ୍କ ପ୍ରେରଣା ଓ ସ୍ୱାମୀ କିଶୋରଙ୍କ ସହଯୋଗରେ ସେ ଶିଖିଲେ ମୂର୍ତ୍ତି ଗଢିବାର କଳା। ଶାଶୁ ଶଶୁରଙ୍କ ସ୍ୱପ୍ନ ଥିଲା ବୋହୂ ଲିଲି ଜଣେ ସଫଳ କାରିଗର ଭାବରେ ପରିଚୟ ସୃଷ୍ଟି କରିବ। ତାଙ୍କୁ ବର୍ତ୍ତମାନ ୫୦ ବର୍ଷ ହୋଇଥିଲେ ମଧ୍ୟ ଦୀର୍ଘ ୩୨ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଗଣେଶ, ସରସ୍ୱତୀ ଓ ବିଶ୍ୱକର୍ମା ମୂର୍ତ୍ତି ନିର୍ମାଣ କରୁଛନ୍ତି। ଛାଞ୍ଚ ପ୍ରସ୍ତୁତି କରି ସେଥିରେ ମାଟି, କପଡ଼ା ଓ ପାଳର ମିଶ୍ରଣ ଦେଇ ରଖିବା ପରେ ମୂର୍ତ୍ତି ନିର୍ମାଣ ହୁଏ। ଏହା ପରେ ତାକୁ ଶୁଖାଇ ଆକର୍ଷଣୀୟ ରଙ୍ଗ ଦିଆଯାଏ। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମୂଲ୍ୟ ନିର୍ଧାରଣ କରି ବିକ୍ରି କରାଯାଏ। ତାଙ୍କସହ ମୂର୍ତ୍ତି ନିର୍ମାଣ ସମ୍ପର୍କରେ ଆଲୋଚନା ବେଳେ ପରିବାରର ଏହା କୌଳିକ ବୃତ୍ତି। ଏଣୁ ଏହାକୁ ବଞ୍ଚାଇ ରଖିଛୁ ଏବଂ ଏଥିରେ ଆତ୍ମସନ୍ତୋଷ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତାଙ୍କୁ ଏହି କାର୍ଯ୍ୟରେ ସ୍ୱାମୀ କିଶୋର, ଦୁଇ ପୁଅ ସିଲୁ, ଶାନ୍ତନୁ ଓ ଝିଅ ସୁଲତା ସହଯୋଗ କରୁଛନ୍ତି। ଧରାକୋଟ ବଡ଼ଦାଣ୍ଡ ସାହିରେ ନିଜ ଶାଶୁଘର ହୋଇଥିଲେ ମଧ୍ୟ ବର୍ତ୍ତମାନ ମୁଣ୍ଡମରାଇ ନୂଆସାହିରେ ତାଙ୍କ ପରିବାର ସ୍ଥାୟୀ ଭାବରେ ବସବାସ କରୁଛନ୍ତି। ସଫଳ ଶିଳ୍ପୀ ଭାବରେ ତାଙ୍କ ପରିବାର ଅଞ୍ଚଳରେ ବେଶ ପରିଚିତ।


୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ

ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୁ ଗୁନି, ମଝିଆବୋହୁ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼ୁ,ନାତୁଣୀ ନୈନା, ନାତି ସୌନୁ
ଏବଂବନ୍ଧୁ ଓ ପରିବାର ବର୍ଗ।

## ରାସ୍ତାକୁ ମାଡ଼ିଗଲାଣି ଲଟାବୁଦା; ଘାରୁଛି ହାତୀ ଭୟ

ଜି.ଉଦୟଗିରି,୨୫।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି-କଳିଙ୍ଗା ରାଜ୍ୟ ରାଜପଥ ହାତୀଙ୍କ ଚଲା ବାଟ ହୋଇଥିବା ବେଳେ ଦିନ ନାହିଁ ରାତି ନାହିଁ କେତେବେଳେ କେଉଁଠି ରାସ୍ତାରେ ହାତୀ ଦେଖିବାକୁ ମିଳୁଛି। ଏହି ରାସ୍ତାରେ ଯାତାୟାତ କରିବାକୁ ଯାତ୍ରୀ ଭୟ କରୁଛନ୍ତି। ବିଶେଷ କରି ଛୋଟ ଚାରି ଚକିଆ ଯାନ, ଦୁଇ ଚକିଆ ଯାନ ସାହିତ ସାଇକଲ ଏବଂ ପାଦ ଚଲା ଲୋକେ ଭୟଭୀତ ଥିବାବେଳେ ଏବେ ରାସ୍ତା ଉପରକୁ ମାଡ଼ି ଆସିଥିବା ଲଟାବୁଦା ଏହି ଭୟ ଦ୍ୱିଗୁଣିତ କରୁଛି। ଲଟାବୁଦା ଆଢୁଆଳରେ ହାତୀ ରହି ଆକ୍ରମଣ କରିବା ଆଶଙ୍କା କରି ଲୋକେ ଯିବାକୁ ଭୟ କରୁଛନ୍ତି। ବଡ଼ଗାଡି ଯାତାୟାତ କରିବା ସମୟରେ ଛୋଟ ଗାଡ଼ିକୁ ଅତିକ୍ରମ କରିବା ସମୟରେ ମଧ୍ୟ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୁର୍ଘଟଣା ମଧ୍ୟ ଘଟୁଛି। ହାତୀ ଭୟ ରେ ଲୋକେ କଳିଙ୍ଗାରୁ ଜି.ଉଦୟଗିରି ଜୀବନ ବିକଳରେ ଆସୁଥିବା ବେଳେ ରାସ୍ତାରେ ଉପରକୁ ମାଡି ଆସିଥିଲା ଲଟାବୁଦା ଯୋଗୁଁ ଅଧିକ ଭୟ ସୃଷ୍ଟି ହେଉଛି। ଗାଁ ଗହଳିରେ ଲୋକେ ନିଜ ନିଜ ଗାଁ ରାସ୍ତାର ଲଟାବୁଦା ଏହି କାରଣରୁ ସଫା କରୁଥିବା ବେଳେ ବିଭାଗ କିନ୍ତୁ ନିରବଦ୍ରଷ୍ଟା ସାଜିଛି। ଯଥାଶୀଘ୍ର କଳିଙ୍ଗା ଜି.ଉଦୟଗିରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଲଟାବୁଦାକୁ ସଫା କରାଗଲେ ଯାତ୍ରୀ ଉପକୃତ ହେବ ସହିତ ଦୁର୍ଘଟଣା ରୋକାଯାଇ ପାରିବ ବୋଲି କୁହାଯାଇଛି।



### ଗାଁ ମଣ୍ଡପ ନିର୍ମାଣ ନେଇ ବିବାଦୀୟ ସ୍ଥିତି

# କାମ ଆରମ୍ଭ ପୂର୍ବରୁ ଫାଇଲରୁ ପ୍ରକଳ୍ପ ଗାଏବ

ଫିରିଙ୍ଗିଆ,୨୫।୮ (ସମିସ)

କାମ ଆରମ୍ଭ ହେବା ପୂର୍ବରୁ ସରକାରୀ ଫାଇଲରୁ ହଜିଗଲା ଗାଁ ମଣ୍ଡପ ପାଇଁ ଆସିଥିବା ଅର୍ଥ। କଥାଟି ଶୁଣିବାକୁ ଅଜବ ଲାଗୁଥିଲେ ବି ସତ। ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତର ୨ ନମ୍ବର ୱାର୍ଡ ସର୍ତ୍ତଗୁଡ଼ାଗାଁର ମାର୍ଦିକେତା ସାହିରେ ଏଭଳି ଘଟଣା ଘଟିଛି। ଗାଁରେ ଏକ ମଣ୍ଡପ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ଏହି ଗାଁରେ ସତୁରିରୁ ଅଧିକ ଘର ଥିବାବେଳେ ୩ ଶହରୁ ଅଧିକ ଜନସାଧାରଣ ବସବାସ କରୁଛନ୍ତି। କେଉଁକାଳରୁ ଏହି ସାହିରେ ଗ୍ରାମବାସୀ ରାହାସ ଯାତ୍ରା କରିଆସୁଛନ୍ତି। ଯାତ୍ରା ପାଇଁ ସାହିରେ ଏକ ମଣ୍ଡପର ଆବଶ୍ୟକତା ରହିଥିଲା। ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ସରକାରଙ୍କ ତରଫରୁ 'ଆମ ଗାଁ ଆମ ବିକାଶ' ଯୋଜନାରେ ଏକ ମଣ୍ଡପ ନିର୍ମାଣ ପାଇଁ ଅନୁଦାନ ଦିଆଯାଇଥିଲା। ଯାହାର ଅଟକଳ ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ରହିଥିଲା। ବାଲନ୍ଦାପଡ଼ା ଗାଁ ନିକଟରେ ଥିବା ବାଉପଙ୍ଗା ଗାଁର ସୁବାସ କହଁର ନାମକ ଜଣେ ଠିକାଦାରଙ୍କୁ ମଣ୍ଡପ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଗାଁକୁ ଯାଇ ମଣ୍ଡପ ନିର୍ମାଣ ପାଇଁ ସ୍ଥାନୀୟ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ଏବଂ ଅମିନ ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ଉପଯୁକ୍ତ ଜାଗା ମଧ୍ୟ ଚିହ୍ନଟ କରିଥିଲେ। ଠିକାଦାର ଜଣକ ମଣ୍ଡପ ନିର୍ମାଣ ପାଇଁ ପ୍ରସ୍ତାବିତ ଜାଗାରେ ପିଲର ପାଇଁ ଗାତ ଖୋଳିବା ଠାରୁ ଆରମ୍ଭ କରି ଲୁହା ରଡ୍, ସିମେଣ୍ଟ, ବାଲି, ଇଟା ଭଳି ବିଭିନ୍ନ କଞ୍ଚାମାଲ ମଧ୍ୟ ପକାଇଲେ। କିନ୍ତୁ କିଛିଦିନ ପରେ ଠିକାଦାର ଜଣକ ପୁଣି ଥରେ ଆଣିଥିବା ସମସ୍ତ କଞ୍ଚାମାଲ ଉଠାଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଣ୍ଡପ ପାଇଁ ଖୋଳା ଯାଇଥିବା ବଡ଼ବଡ଼ ଗାତ ଏବେ ଗ୍ରାମବାସୀଙ୍କ ପାଇଁ ବିପଦ ସାଜିଥିବା ବେଳେ ଗାଈଗୋରୁ ଛେଳିମେଣ୍ଢା ଗାତରେ ପଡ଼ି ପ୍ରାଣ ହରାଉଛନ୍ତି। କେବେ ମଣ୍ଡପ ନିର୍ମାଣ ହେବ ବୋଲି ଗ୍ରାମବାସୀ ଚାହିଁ ରହିଥିବାବେଳେ ପ୍ରକଳ୍ପ କିନ୍ତୁ ସରକାରୀ ଫାଇଲରୁ ଉଭାନ ହୋଇଯାଇଛି। ମଣ୍ଡପ ଉଭାନ ହୋଇ ଯାଇଥିବା କଥା ଜାଣିଲା ପରେ ସାହିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମଣ୍ଡପ ନିର୍ମାଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗାଁର ହେମନ୍ତ ବିନ୍ଧାଣି, ସିଦ୍ଧେଶ୍ୱର ବିନ୍ଧାଣି, ବଟକୃଷ୍ଣ ବିନ୍ଧାଣି, ମାଧବ ବିନ୍ଧାଣି, ପ୍ରମୋଦ କହଁର, ଲେଙ୍ଗ ବିନ୍ଧାଣି, ଚୈତନ୍ୟ ବିନ୍ଧାଣିଙ୍କ ସହ ପକାରୀ ପଞ୍ଚାୟତ ଦାୟିତ୍ୱରେ ଥିବା ବିଜେପିର ପଞ୍ଚାୟତ ସଭାପତି ବାବୁଲା କହଁରଙ୍କ ସହ ସାହିବାସିନ୍ଦା ଚେତାବନୀ ଦେଇଛନ୍ତି।

ଏ ବିଷୟରେ ପକାରୀ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଲୀନ୍ମୟ ସ୍ୱାଇଁଙ୍କୁ ପଚାରିବାରୁ ମଣ୍ଡପ ପାଇଁ ଆମ ଗାଁ ଆମ ବିକାଶ ଯୋଜନାରେ ଅର୍ଥ ଆସିଥିଲା। କିନ୍ତୁ ଜମିବିବାଦ ପାଇଁ ମଣ୍ଡପ ନିର୍ମାଣ କାମ ବିଳମ୍ବ ହେବାରୁ ଆସିଥିବା ଅର୍ଥ ଫେରି ଯାଇଥିବା କହିଛନ୍ତି। ଗୋଟେ ପଟେ ମଣ୍ଡପ ନିର୍ମାଣ କାମ ପାଇଁ ସାହି ବାସିନ୍ଦା ଦାବି କରିଆସୁଛନ୍ତି। କୌଣସି ଜମି ବିବାଦ ନଥିବା ଗ୍ରାମବାସୀ କହୁଥିବା ବେଳେ ସେପଟେ ଯନ୍ତ୍ରୀ ଜଣକ ଜମି ବିବାଦ ଥିବା କହୁଛନ୍ତି। ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଗ୍ରାମବାସୀଙ୍କ ସହ ବିଜେପି ଯୁବ ନେତା ବାବୁଲା କହଁର ଦାବି କରିଛନ୍ତି।



- ପିଲାର ଗାତ ଖୋଳି ଫେରାଇ ନେଲେ ନିର୍ମାଣ ସାମଗ୍ରୀ
- ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

## କୃଷି ଓ କୃଷକ ସୁରକ୍ଷା ପରିଷଦର ଗଣଧାରଣା



ଜି.ଉଦୟଗିରି,୨୫।୮ (ସମିସ): ଆଠ ଦଫା ଦାବିରେ କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦ ପକ୍ଷରୁ ସୋମବାର ଦିନ ମଣ୍ଡାକିଆ ଛକ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହାତରେ ଜାତୀୟ ପତକା, ସ୍ୱାଧୀନତା ସଂଗ୍ରାମୀ ଏବଂ ବରପୁତ୍ରଙ୍କ ଫଟୋଚିତ୍ର ଧରି ପଦଯାତ୍ରା କରି ପଞ୍ଚାୟତ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିରେ ପରିଷଦର ସଭ୍ୟ ଏବଂ କର୍ମକର୍ତ୍ତା ସାମିଲ ହୋଇଥିଲେ। ଆଠ ଦଫା ଦାବି ପୂରଣ ପାଇଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ଦାବି ମଧ୍ୟରେ କନ୍ଧମାଳ ଜିଲ୍ଲା କୃଷକଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ସୁବିଧାରେ ବିକ୍ରି ଏବଂ ଶୋଷଣରୁ ମୁକ୍ତି, ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତି ଆକଳନ କରି ତିନି ଦିନ ମଧ୍ୟରେ କ୍ଷତିପୂରଣ ପ୍ରଦାନ, ଜି.ଉଦୟଗିରି ଶୀତଳଭଣ୍ଡର ପୁନଃରୁଦ୍ଧାର, ସରକାର କୃଷକଙ୍କ ଆର୍ଥିକ ସୁଦୃଢ କରିବାକୁ ହୋଇଥିବା ଯୋଜନାର ସରଳୀକରଣ କରି ଲାଗୁ କରିବା, କୃଷକ ଏବଂ କୃଷି ସହ ଜଡିତ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ରହିଛି। ଧାରଣାରେ ସଂଗଠନର ଉପଦେଷ୍ଟା ମହମ୍ମଦ ଜିଆଉଦ୍ଦିନ ଅହମ୍ମଦ, କାର୍ଯ୍ୟକାରୀ ସଭାପତି ସନାତନ ପ୍ରଧାନ, ତୃଣମୂଳ ପଞ୍ଚାୟତ ସଂଗଠନର ସଭାପତି ବିଜୟ କୁମାର ପ୍ରଧାନ, ପ୍ରଦୀପ ପ୍ରଧାନ, ବିକି ପ୍ରଧାନ, ଯମରାଜ ପ୍ରଧାନ, ରାଜୁ ନାୟକ, ଲିଙ୍ଗରାଜ ପ୍ରଧାନ, ଥିଲିମନା ପ୍ରଧାନ, ଅଞ୍ଜଳି ପ୍ରଧାନ, ଶିବରାମ ପ୍ରଧାନ, ବିପିନ ପ୍ରଧାନ, ଝାଙ୍କର ଦିଗାଲ, ଅଞ୍ଜଳି ପ୍ରଧାନ, ଜୟ ପ୍ରଧାନ, ଅନନ୍ତ ପ୍ରଧାନ, ବାଞ୍ଛାନିଧି ପ୍ରଧାନ, ଓକିଲ ପ୍ରଧାନ ସାମିଲ ହୋଇ ନିଜ ନିଜ ଅଙ୍ଗେ ନିଭାଇବା ସମସ୍ୟା ସମ୍ପର୍କରେ କହିଥିଲେ।

## ବର୍ଷା ହେଲେ ଜଳାର୍ଣ୍ଣବ ହେଉଛି କଲେଜ ପରିସର

ଗୋଷାଣି,୨୫।୮ (ସମିସ): ବର୍ଷା ହେଲେ ଜଳାର୍ଣ୍ଣବ ହେଉଛି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ଥିବା ମୀନକେତନ ମହାବିଦ୍ୟାଳୟ ପରିସର। ସାମାନ୍ୟ ହେଉକି ପ୍ରବଳ, ବର୍ଷା ପଡିବା ମାତ୍ରେ କଲେଜ ପରିସର ଜଳମଗ୍ନ ହେଉଛି। ପ୍ରବଳ ବର୍ଷିଲେ କ୍ଲାସରୁମ୍‌କୁ ବର୍ଷା ଜଳ ପ୍ରବେଶ କରୁଛି। ବିଶେଷ କରି ବର୍ଷା ଦିନେ ଏହି ମହାବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଓ କର୍ମଚାରୀ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଜଳାବର୍ଣ୍ଣ ରହୁଥିବା ଯୋଗୁଁ ସମୟେ ସମୟେ କ୍ଲାସରୁମ୍‌କୁ ସରୀସୃପ ପଶିଆସୁଥିବା ବିଦ୍ୟାର୍ଥୀମାନେ କହିଛନ୍ତି । ତେବେ ଏପରି ଅବସ୍ଥା ଏବେ ନୁହେଁ ବହୁ ପୂର୍ବରୁ କଲେଜ ପରିସରରେ ପାଣି ଜମୁଥିବାର କହିଛନ୍ତି ଗ୍ରାମବାସୀ । ମହାବିଦ୍ୟାଳୟର ବିକାଶ କରାଯିବା ନିମନ୍ତେ ଯୋଜନା ପ୍ରସ୍ତୁତ ହେଉଛି ସେତେବେଳେ ମହାବିଦ୍ୟାଳୟର କୋଠା ଗୁଡିକର ନିର୍ମାଣ ପାଇଁ ସୁଚିନ୍ତିତ ପରିକଳ୍ପନା କରାଯାଉଛି। ହେଲେ ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ୍ ବ୍ୟବସ୍ଥା ପାଇଁ କୌଣସି ଯୋଜନା କରାଯାଉନଥିବାରୁ ସ୍ୱଳ୍ପ ବର୍ଷା, ଅଦିନିଆ ବର୍ଷା କିମ୍ବା ବର୍ଷା ଦିନେ ଏଭଳି ପରିସ୍ଥିତି ଉପୁଜୁଛି ବୋଲି କୁହାଯାଇଛି।



## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ଫୁଲବାଣୀ/ଫିରିଙ୍ଗିଆ,୨୫।୮ (ସମିସ): ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ ଅଦାଲତ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ଦୋଷୀକୁ ୨୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଛ' ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫିରିଙ୍ଗିଆ ଥାନା ବାଡ଼ାଜରୀର ସଞ୍ଜୀବ ଦିଗାଲ୍ (୨୦)। ସୂଚନା ଅନୁସାରେ, ଫିରିଙ୍ଗିଆ ଥାନା ଅଞ୍ଚଳର ଜନୈକା ନାବାଳିକା ଦଶମ ଶ୍ରେଣୀ ପରୀକ୍ଷା ଦେଇ ଘରେ ରହୁଥିଲେ। ସେ ଏକୁଟିଆ ଥିବାର ସୁଯୋଗ ନେଇ ୨୦୨୨ ଫେବୃଆରୀ ୧୨ ତାରିଖରେ ଅଭିଯୁକ୍ତ ଘର ଭିତରେ ପଶି ପ୍ରଲୋଭନ ଏବଂ ଧମକ ଚମକ ଦେଇ ବଳାତ୍କାର କରିଥିଲା । ଏ କଥା କାହାରିକୁ କହିଲେ ଜୀବନରେ ମାରିଦେବି ବୋଲି ଧମକ ଦେଇଥିଲା। ପରେ ପୀଡ଼ିତା ଗର୍ଭଧାରଣ କରିବାରୁ ସେ ଔଷଧ ଦେଇ ଗର୍ଭ ନଷ୍ଟ କରାଇଥିଲା। ଏହା ପରେ ବି ବାରମ୍ବାର ଶାରୀରିକ ସମ୍ପର୍କ ରଖିବାରୁ ପୀଡ଼ିତା ପୁନର୍ବାର ଗର୍ଭ ଧାରଣ କରିଥିଲା। ଏପରିକି ୨୦୨୪ ଫେବୃଆରୀ ୨୮ ତାରିଖରେ ପୀଡ଼ିତା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ଅଭିଯୁକ୍ତ ମା' ଝିଅଙ୍କୁ ନିଜ ଘରକୁ ନେଇଥିଲେ। କିଛି ଦିନ ପରେ ଅଭିଯୁକ୍ତ ଗାଳିମନ୍ଦ ଏବଂ ମାଡ଼ ମାରି ପୀଡ଼ିତାଙ୍କୁ ଘରୁ ତଡ଼ି ଦେଇଥିଲା। ତାଙ୍କ ବାପାଙ୍କ ଲିଖିତ ଏତାଲା ଆଧାରରେ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବା ପରେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଆଜି ଏହି ମାମଲାର ବିଚାର କରି ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ୧୫ ଜଣ ସାକ୍ଷୀଙ୍କ ବୟାନ ଓ ଡ଼ାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପୀଡିତାଙ୍କୁ କ୍ଷତି ପୂରଣ ବାବଦକୁ ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଲିଗାଲ୍ ଏଡ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ମହେନ୍ଦ୍ରଗିରି ପରିବେଶ ନଷ୍ଟ କରାଯାଉଥିବା ଅଭିଯୋଗ

ପାରଳାଖେମୁଣ୍ଡି,୨୫।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିର ପରିବେଶ ନଷ୍ଟ ହେଉଥିବାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଅଞ୍ଚଳବାସୀ । ଅଞ୍ଚଳ ବାସିନ୍ଦାଙ୍କ କହିବା ମୁତାବକ ଏହି ପାହାଡ ଐତିହାସିକ ଓ କିମ୍ବଦନ୍ତୀ ବହନ କରୁଛିୟ। ପ୍ରାକୃତିକ ଶୋଭାରାଜିରେ ଭରପୁର ଏହି ପାହାଡ଼ରେ ହଜାର ହଜାର ସଂଖ୍ୟକ ଔଷଧୀୟ ବୃକ୍ଷ ମଧ୍ୟ ରହିଛି । ହେଲେ ଗତ କିଛି ଦିନ ହେଲା ଏହି ପର୍ବତ ଅଞ୍ଚଳରେ କେହି ୫୦୦ରୁ ଅଧିକ ଗାଈଗୋରୁଙ୍କୁ ଛାଡିଦେଇଛନ୍ତି। ଏଥିଯୋଗୁଁ ମହେନ୍ଦ୍ରଗିର ପର୍ବତ ଅଞ୍ଚଳରେ ଥିବା ଛୋଟ ଛୋଟ ଓଷଧୀୟ ବୃକ୍ଷଗୁଡିକୁ ଗାଈଗୋରୁ ଖାଇ ନଷ୍ଟ କରୁଛନ୍ତି। ଏହା ସହ ପର୍ବତ ଶିଖରରେ ଥିବା ବିଭିନ୍ନ ମନ୍ଦିର ପ୍ରାଙ୍ଗଣରେ ଗାଈଗୋରୁ ମଳମୁତ୍ର ତ୍ୟାଗ କରି ଅପରିଷ୍କାର ପରିବେଶ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ମହେନ୍ଦ୍ରଗିରି ଗଜପତି ଜିଲ୍ଲାର ଏକ ପବିତ୍ର ତୀର୍ଥ ପୀଠ ହୋଇଥିବାରୁ ଏଠାକୁ ଦୈନନ୍ଦିନ ଶହ ଶହ ତୀର୍ଥ ଯାତ୍ରୀ ଆସୁଛନ୍ତି। କିନ୍ତୁ ଏପରି ପରିବେଶକୁ ଦେଖି ବିଭିନ୍ନ ଆଲୋଚନା କରୁଛନ୍ତି । ଯଦି ଏପରି ପରିବେଶ ରହେ ତାହାହେଲେ ଆଗାମୀ ଦିନରେ ପର୍ଯ୍ୟଟକ ବା ତୀର୍ଥଯାତ୍ରୀ ଆଉ ଆସିବେ ନାହିଁ ବୋଲି କହିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ତେବେ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ମହେନ୍ଦ୍ରଗିରି ପର୍ବତମାଳାରେ ରହୁଥିବା ଗ୍ରାମବାସୀ କହିଛନ୍ତି।



## ରାସ୍ତାରେ ଧାନ ରୋଇବା ପରେ ମରାମତି ପାଇଁ ପ୍ରଶାସନ ତତ୍ପର



ପାରଳାଖେମୁଣ୍ଡି,୨୫।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ବୋମିକା ପଞ୍ଚାୟତ ବଡ଼ଦେଉଳା-ସାନଦେଉଳା ରାସ୍ତା କାମ ହେଉନଥିବାରୁ ଲୋକେ ଧାନ ଗଛ ରୋଇବା ସହ ପ୍ରତିବାଦ କରିଥିଲେ। ପକ୍କା ରାସ୍ତା ନିର୍ମାଣ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବର୍ଷା ଋତୁ କିମ୍ବା ଅଦିନିଆ ବର୍ଷାରେ ଚାରିଚକିଆ, ଦୁଇଚକିଆ ଯାନ ଯିବା ଦୂରର କଥା ଲୋକେ ଚାଲି ଚାଲି ଯିବା କଷ୍ଟକର ହେଉଛି। ଯାହାକୁ ନେଇ ଗଣମାଧ୍ୟମରେ ରବିବାର ଦିନ ଖବର ପ୍ରକାଶ ପାଇବା ପରେ ସୁଗମ ପଥ ନିର୍ମାଣ କରିବା ପାଇଁ ବ୍ଲକ୍ ପ୍ରଶାସନ ତତ୍ପର ହୋଇପଡ଼ିଛି। ଆଜି ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ ପାତ୍ରଙ୍କ ସମେତ ଅଧିକାରୀଗଣ ସାନଦେଉଳା-ବଡ଼ଦେଉଳାର କାଦୁଅଭରା ରାସ୍ତାର ନିରୀକ୍ଷଣ କରିଛନ୍ତି। ଏହା ସହ ବର୍ଷା ଦିନ ସରିବା ପରେ ମନରେଗା ଯୋଜନାରେ ରାସ୍ତା ନିର୍ମାଣ କରାଯିବ ବୋଲି ଅଞ୍ଚଳବାସୀଙ୍କ ସହ ଆଲୋଚନା ପରେ ପ୍ରତିଶ୍ରୁତି ଦେଇଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ବ୍ଲକ୍ ପ୍ରଶାସନକୁ ସାଧୁବାଦ ଜଣାଇବା ସହ ଗଣମାଧ୍ୟମର ଏପରି ଖବରକୁ ନେଇ ପ୍ରଶଂସା ମଧ୍ୟ କରିଛନ୍ତି। ପ୍ରକାଶ ଯେ ବଡ଼ଦେଉଳା, ସାନଦେଉଳା, ଡିମିରିଝୋଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଆଜିପର୍ଯ୍ୟନ୍ତ ନିର୍ମାଣ ହୋଇନାହିଁ। ମନରେଗା ଯୋଜନାରେ ଥରେ କିମ୍ବା ଦୁଇଥର ମାଟି ପକାଯାଇଛି । ଯାହାକି ବର୍ଷା ଦିନେ ଅଞ୍ଚଳର ଶତାଧିକ ବାସିନ୍ଦା ଶିକ୍ଷା, ସ୍ୱାସ୍ଥ୍ୟ ଓ ଜରୁରୀ ପରିସ୍ଥିତିରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏହା ସ୍ୱଳ୍ପ ଦୂରତା ହେଉଥିବାରୁ ପଡ଼ୋଶୀ ରାୟଗଡ଼ ବ୍ଲକ୍‌ର ବୁରୁଜାଙ୍ଗ ଗ୍ରାମ ସମେତ ଅନେକ ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ।

## ସେପ୍ଟେମ୍ବର ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି,୨୫।୮ (ସମିସ): ଆସନ୍ତା ମାସ ୧୩ରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ରା.ଉଦୟଗିରି, ମୋହନା ଓ କାଶୀନଗରରେ ଅଦାଲତ ପରିସରରେ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ପ୍ରାକ-ସ୍ତରୀୟ ମକଦ୍ଦମା ଓ ବିଚାରନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ପେନସନ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ । ସବିଶେଷ ବିବରଣୀ ନିମନ୍ତେ ପାରଳାଖେମୁଣ୍ଡିରେ ଥିବା ନୂତନ କୋର୍ଟ ପରିସରର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କିମ୍ବା ରା.ଉଦୟଗିରି ଓ ମୋହନା କୋର୍ଟ ପରିସରରେ ଥିବା ତାଲୁକା ଆଇନ୍ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗଯୋଗ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛ।

## ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡ

ପାରଳାଖେମୁଣ୍ଡି, ୨୫।୮ (ସମିସ) : ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ସ୍ୱତନ୍ତ୍ର) ବିଭୁ ପ୍ରସାଦ ପଣ୍ଡା ପକ୍ସୋ ମାମଲାରେ ଶୁଣାଣି କରି ଅଭିଯୁକ୍ତକୁ ୨୦ବର୍ଷ ଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଏ ନେଇ ଗଜପତି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ହେଉଛନ୍ତି ସନ୍ତୋଷ ଶବର। ସୂଚନା ମୁତାବକ ସନ୍ତୋଷ ଶବର ଜଣେ ନାବାଳିକାକୁ ଅପହରଣ କରିବା ସହ ଯୌନ ନିର୍ଯାତନା ଦେଇଥିବା ଆର.ଉଦୟଗିରି ଥାନାରେ ୭୬/୨୦୨୩ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୬୩, ୩୬୬ ଓ ପକ୍ସୋ ଆଇନର ଧାରା ୬ରେ ମାମଲା ରୁଜୁ ହୋଇଥିଲା। ଏହି ଶୁଣାଣି କରିବା ବେଳେ ଜଜ୍ ଆଇନ ସେବା ପ୍ରାଧିକରଣଙ୍କୁ ୪ ଲକ୍ଷ ଟଙ୍କା ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି, ଆଇପିସି ୩୬୩ ଅନୁଯାୟୀ ୩ ବର୍ଷ ଜେଲଦଣ୍ଡ ଏବଂ ୧୦୦୦ ଟଙ୍କା ଜରିମାନା ଶୁଣାଇଛନ୍ତି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଆର. ଉଦୟଗିରି ପୁଲିସ୍ ଥାନାର ଏସ୍‌ଆଇ ଦୁଷ୍ମନ୍ତ କୁମାର ଅମାନ୍ତା ଥିଲେ। ପବ୍ଲିକ୍ ପ୍ରସିକ୍ୟୁସନ୍ ପକ୍ଷରୁ ସ୍ୱତନ୍ତ୍ର ପିପି ଆର. ଜନାର୍ଦ୍ଦନ ରାଓ ଏହି ମାମଲାର ପରିଚାଳନା କରୁଥିଲେ।

## ୧୪୮ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ପାରଳାଖେମଣ୍ଡି,୨୫।୮ (ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ୍ ଖାରିଗୁଡ଼ା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ମଧୁମିତା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ମୋହନା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜୀବ ଶବର ଯୋଗ ଦେଇଥିଲେ। ଏଥିରେ ଖାରିଗୁଡା ସମେତ ରାଇପଙ୍କା, ମାଣ୍ଡିମେରା ଓ ବିରିକୋଟ ପଞ୍ଚାୟତର ସମୁଦାୟ ମୋଟ ୧୪୮ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୩୨ ରହିଥିବା ବେଳେ ଗ୍ରାମ ଭିତ୍ତିକ ସମସ୍ୟା ୧୧୬ ଅଭିଯୋଗ ଥିଲା। ଏଥିମଧ୍ୟରୁ ରେଡକ୍ରସ୍ ପାଣ୍ଠିରୁ ଦୁଇ ଜଣଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ପରଲୋକ

ବାଲିଗୁଡ଼ା/ତୁମୁଡ଼ିବନ୍ଧ,୨୫।୮ (ସମିସ)



ସବୁଦିନ ପାଇଁ ନିରବି ଗଲେ ଆଦିବାସୀ ନେତା କରେନ୍ଦ୍ର ମାଝୀ। ବାଲିଗୁଡ଼ା ବିଧାନସଭାରୁ ଭାରତୀୟ ଜନତା ପାର୍ଟି ଟିକଟରେ ୨୦୦୪ ଓ ୨୦୦୯ ଦୁଇ ଥର ବିଧାୟକ ରହିଥିଲେ। କନ୍ଧମାଳ ଜିଲ୍ଲାର ଭାରତୀୟ ଜନତା ଜନଜାତିର ସଭାପତି ଭାବେ ନିର୍ବାଚିତ ହୋଇ ନିଜ ରାଜନୀତିକ ଜୀବନ ଆରମ୍ଭ କରିଥିଲେ। ଆଦିମ ଜନଜାତି ଡ଼ଙ୍ଗରିଆ, କୁଟିଆ କନ୍ଧ ଭଳି ୫ ରୁ ୬ ଭାଷାରେ ଗବେଷଣା କରି ଆଦିବାସୀ ଭାଷା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। କିଛି ଦିନ ହେବ କିଡ୍‌ନୀ ସମସ୍ୟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୋମବାର ଦିନ ତାଙ୍କର ଭୁବନେଶ୍ୱରରୁ ଆସିଥିବା ମୃତଦେହକୁ ଏକ ବିରାଟ ଶୋଭାଯାତ୍ରାରେ ବାଲିଗୁଡ଼ା ନିଆଯାଇଥିଲା। ଶୋଭାଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ଏହି ବିଷୟ ଜଣାପଡିବା ପରେ ବାଲିଗୁଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ଫୁଲବାଣୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଫୁଲବାଣୀ: ବାଲିଗୁଡାର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କୁ ଫୁଲବାଣୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅପରାହ୍ଣରେ ତାଙ୍କ ମରଶରୀର ସ୍ଥାନୀୟ ଏଫ୍‌ସିଆଇ ଛକରେ ପହଞ୍ଚିବା ପରେ ଦଳୀୟ ନେତା, କର୍ମକର୍ତ୍ତା ତଥା ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ସଂଗଠନର କର୍ମକର୍ତ୍ତା ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ବୌଦ୍ଧ ବିଧାୟକ ସରୋଜ କୁମାର୍ ପ୍ରଧାନ, ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ା, ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମରଶରୀରକୁ ଏଫସିଆଇ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଫିରିଙ୍ଗିଆ ଦେଇ ବାଲିଗୁଡ଼ା ନିଆଯାଇଥିଲା।

## ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ଆକ୍ରମଣ

# ୩ ଗିରଫ, ମାରଣାସ୍ତ୍ର ସହ ଗାଡ଼ି ଜବତ

ପୁରୁଷୋତ୍ତମପୁର,୨୫।୮ (ସମିସ)



ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପୋଷ୍ଟ ଅଫିସ ସାହିରେ ରବିବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ପୁଲିସ ୩ ଯୁବକଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଖଣ୍ଡା, ପଞ୍ଝା, ଲୁହାଛଡ ସହ କାର୍ ନଂ(ଓଡି୦୨ ସିପି୯୮୧୭), ବାଇକ୍ (ଓଡି ୦୭ଏଆର ୪୬୬୬) ଜବତ କରିଛି। ଅଭିଯୁକ୍ତ ମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନନ୍ତାଇ ଗ୍ରାମର କିରଣ କୁମାର ସାହୁ(୨୫), ଏହି ଥାନା ଅନ୍ତର୍ଗତ ଗାଙ୍ଗଦହଣି ଗ୍ରାମର ନିଲୁ କୁମାର ସାମଲ(୨୨) ଓ ସଦର ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମର ନାରାୟଣ ଗୌଡ଼(୨୪)। ଗତ ରବିବାର ରାତିରେ ପୃଥ୍ୱୀରାଜ ମହାପାତ୍ର ଓ ପୁଅ ଶୁଭଅପ୍ରିତ ମହାପାତ୍ର ଘରେ ଥିବା ସମୟରେ ୫ରୁ୬ଜଣ ଯୁବକ ୨ଟି ଗାଡ଼ିରେ ଆସି ପ୍ରଥମେ ଘର ବାରଣ୍ଡାରେ ରହି ଶୁଭଅପ୍ରିତକୁ ଡାକିଥିଲେ। ସେ ବାରଣ୍ଡାରେ ପହଞ୍ଚିବା କ୍ଷଣି ଆକ୍ରମଣ କରି ଘୋଷାଡି ଘୋଷାଡି ଗାଡ଼ିରେ ନେଇ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ସାହି ବାସିନ୍ଦା ଓ ତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି କିରଣ ଓ ନିଲୁଙ୍କୁ କାବୁ କରିଥିଲେ। ଅନ୍ୟମାନେ ଫେରାର ହୋଇଥିଲେ। ପୁଲିସ ପହଞ୍ଚି ଗାଡ଼ି ଦୁଇଟି ଜବତ କରିବା ସହ କିରଣ ଓ ନିଲୁକୁ ଥାନାକୁ ନେଇ ଆସିଥିଲେ। ଅପରପକ୍ଷେ ଶୁଭଅପ୍ରିତକୁ ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ନାରାୟଣକୁ ସୋମବାର ଗିରଫ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଶୁଭଅପ୍ରିତ ଗତବର୍ଷ ବ୍ରହ୍ମପୁର କଲେଜ ପଢୁଥିବା ସମୟରେ ଜଣେ ଝିଅ ସହ ସମ୍ପର୍କ ଗଢ଼ିଥିଲା। ତେବେ ସେହି ଝିଅଟି ସହ ନାରାୟଣ ଏକତରଫା ପ୍ରେମ କରୁଥିଲା। ତେଣୁ ନାରାୟଣ ଶୁଭଅପ୍ରିତକୁ ସେହି ଝିଅ ଠାରୁ ଦୁରେଇ ରହିବାକୁ ବାରମ୍ବାର ତାଗିତ କରୁଥିଲା। ସେ ନମାନିବାରୁ ରବିବାର ରାତ୍ର କିଛି ଯୁବକଙ୍କୁ ନେଇ ଶୁଭଅପ୍ରିତକୁ ଜୀବନରେ ମାରିଦେବା ପାଇଁ ଯୋଜନା କରିଥିଲା ବୋଲି ପୁଲିସ କହିଛି। ପୁଲିସ ଶୁଭଅପ୍ରିତଙ୍କ ବାପା ପୃଥ୍ୱୀରାଜଙ୍କ ଏତଲା ଅନୁସାରେ କେସ ନମ୍ବର୬୬୯/୨୫ ମାମଲା ରୁଜୁ କରି ୩ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ନେଇ ତଦନ୍ତ ଅଧିକାରୀ ସୁଶାନ୍ତ କୁମାର ମିଶ୍ର କହିଛନ୍ତି।

## ପାର୍ବଣ ଲାଗି ଗଞ୍ଜାମ ପୁଲିସ ସଜାଗ

ଛତ୍ରପୁର,୨୫।୮ (ସମିସ): ଦିନକ ପରେ ଗଣେଷ ପୂଜା। ଏହାପରେ କ୍ରମାନ୍ୱୟରେ ଆରମ୍ଭ ହେବ ପାର୍ବଣ ଋତୁ। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ପାର୍ବଣ ଋତୁରେ କୌଣସି ଲୋକ କିମ୍ବା ଅନୁଷ୍ଠାନରୁ ବେଆଇନ ଚାନ୍ଦା କରାଯାଇପାରିବ ନାହିଁ। ଯଦି କେହି ବେଆଇନ ଚାନ୍ଦା ମାଗନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ୧୧୨କୁ ଜଣାଇବାକୁ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର କହିଛନ୍ତି। ସେହିପରି ବେଆଇନ ପାର୍ବଣ ବେଳେ ବେଆଇନ ବାଣ ଫୁଟାଇବା, ଡିଜେ ବଜାଇ ଶବ୍ଦ ପ୍ରଦୂଷଣ କରିବା ତଥା ଜୁଆ ଆଡ୍ଡା ଓ ଅନ୍ୟାନ୍ୟ ବିଷୟ ପ୍ରତି ଦୃଷ୍ଟି ଦେବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତିତ ପାର୍ବଣ ଋତୁରେ ସମସ୍ତ ଜନସାଧାରଣ ଯେପରି ସୁରୁଖୁରୁରେ ପର୍ବ ପାଳନ କରିବେ ଏବଂ କୌଣସି ପ୍ରକାର ଅପ୍ରୀତିକର ସ୍ଥିତି ମୁକାବିଲା କରିବା ସହ ପୁଲିସ ସଦାବେଳେ ସଜାଗ ରହିବ ବୋଲି ଏସ୍‌ପି ଶ୍ରୀ ପାତ୍ର କହିଛନ୍ତି।

## ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ରତନେଇ ପୀଠ

ବେଲଗୁଣ୍ଠା,୨୫।୮ (ସମିସ): ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡ଼ି ପଞ୍ଚାୟତର ଇତିହାସ ପ୍ରସିଦ୍ଧ ମାଳତୀ ଗଡ଼ର ଆରାଧ୍ୟା ରୂପେ ପୂଜା ପାଉଛନ୍ତି ମା’ ରତନେଇ। ରତନେଇ ପୀଠ ଇତିହାସର ମୂକ ସାକ୍ଷୀ ରୂପେ ଏଠାରେ ସୋମବଂଶୀ ରାଜବଂଶ ଠାରୁ କେଶରୀ ବଂଶ ପର୍ଯ୍ୟନ୍ତ ରାଜବଂଶର ବହୁ



କୀର୍ତ୍ତି ରାଜି ମଧ୍ୟ ଭଗ୍ନ ଅବସ୍ଥାରେ ପଡ଼ି ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନ ରାଜ ଉଆସରୁ ବହୁ ଇଟା ପଥରକୁ ଲୋକେ ନେଇଯିବା ସହିତ ଭଗ୍ନ ଉଆସ ଗୁଡ଼ିକ ମଦ୍ୟପ ମାନଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। କିମ୍ବଦନ୍ତୀ ପ୍ରକାରେ ଏଥିରେ ଥିବ ପାହାଡ଼ ଉପରେ ବର୍ତ୍ତମାନ ମଧ୍ୟା ଏକ ବିରାଟ ପଥର ଦୀପ ରହିଛି। ବିଶ୍ୱାସ ରହିଛି ଏଠିକାର ରାଜ ମାନେ ଯୁଦ୍ଧ କରିବାକୁ ଗଲେ ରାଣୀ ମାନେ ସେହି ପଥର ଦୀପକୁ ଜଳାଇ ରଖି ରାଜ ମାନଙ୍କର ବିଜୟ କାମନା କରୁଥିଲେ। ଏଠାରେ ବର୍ତ୍ତମାନ ମଧ୍ୟ ସାତୋଟି ପୋଖରୀ ରହିଥିବା ବେଳେ ଏହି ପୋଖରୀ ଗୁଡ଼ିକରେ ରାଣୀ ମାନେ ସ୍ନାନ କରୁଥିଲେ ବୋଲି ବିଶ୍ୱାସ ରହିଛି। ମାଳତୀ ଗଡ଼କୁ ଚାରିପଟୁ ମାଳତୀ ପାହାଡ଼ ଏବଂ ପୋଖରୀ ଗୁଡ଼ିକ ଘେରି ରହିଛି। ତେବେ ଗଡ଼ର ଆରାଧ୍ୟା ଦେବୀ ରତନେଇ ମନ୍ଦିର ବର୍ତ୍ତମାନ ଅବହେଳିତ ଅବସ୍ଥାରେ ରହିଛନ୍ତି। ମାଳତୀ ଗ୍ରାମର କିଛି ପୂଜକ ପାଳି କରି ମାଆଙ୍କ ସେବା କରିବା ସହ ଆସୁଥିବା ଭକ୍ତ ମାନଙ୍କୁ ଦର୍ଶନ କରାଇଥାନ୍ତି। ସେହିପରି ଚୈତ୍ରମାସ ମଙ୍ଗଳବାର ଗୁଡ଼ିକରେ ଏଠାରେ ବହୁ ମାନସିକ ଧାରୀ ମୁଣ୍ଡନ ହୋଇଥାନ୍ତି। ପୂର୍ବରୁ ଏଠାରେ ପଶୁବଳି ପ୍ରଥା ପ୍ରଚଳିତ ଥିବା ବେଳେ ବର୍ତ୍ତମାନ ତାହା ବନ୍ଦ ରହିଛି। ପ୍ରାକୃତିକ ଶୋଭାରାଜି ମଧ୍ୟରେ ଅବସ୍ଥିତ ଏହି ଅଞ୍ଚଳଟି ଇତିହାସର ଅନେକ ଗୁରୁତ୍ୱପୂର୍ଣ୍ଣ କାହାଣୀ ବହନ କରୁଛି। ନିକଟରେ ଛୋଟିଆ ଝରଣାଟିଏ ରହିଛି। କେଶରୀ ବଂଶ ଅନୁସାରେ ଏଠାରେ ଥିବା ଗ୍ରାମ ଦୁଇଟି କେଶରୀପଲ୍ଲୀ ଏବଂ ମାଳତୀ ନାମରେ ନାମିତ ହୋଇଛି ବୋଲି ବହୁ ଗବେଷକ ମତ ଦିଅନ୍ତି। କିନ୍ତୁ ଇତିହାସର ପୃଷ୍ଠାକୁ ଋଦ୍ଧିମନ୍ତ କରିଥିବା ମାଳତୀ ପାହାଡ଼, ମାଳତୀ ଗ୍ରାମ ଏବଂ ରତନେଇ ପୀଠ ଆଜି ଅବହେଳିତ ଅବସ୍ଥାରେ ପଡିରହିଛି। ତେଣୁ ସ୍ଥାନୀୟ ବୁଦ୍ଧିଜୀବୀ ଏହି ଐତିହାସିକ ସ୍ଥାନ ସମ୍ପର୍କରେ ଅଧିକ ଗବେଷଣା କରିବା ସହିତ ଏହାକୁ ଐତିହାସିକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଛି।

## ପ୍ରଫୁଲ୍ଲକୁମାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସ୍ୱନକ୍ଷତ୍ର

ବେଲଗୁଣ୍ଠା,୨୫।୮ (ସମିସ): ଗୋବରା ସ୍ଥିତ ପ୍ରଫୁଲ୍ଲକୁମାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୩ତମ ସ୍ୱନକ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ମାମା ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଶ୍ୱ ଭାରତୀ ଅଧ୍ୟକ୍ଷ କୁଞ୍ଜବିହାରୀ ନାୟକ, ମୁଖ୍ୟବକ୍ତା ରୂପେ ଗୋବରା ସମିତି ସଭ୍ୟ ବିଭୁ ପାଦ ଜେନା, ସମ୍ମାନିତ ଅତିଥି ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ବିଶ୍ୱାଳ ଯୋଗଦେଇ ଛାତ୍ରୀ ମାନଙ୍କ ଉନ୍ନତ ଜୀବନ ଶୈଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ଡ଼. ନଳିନୀପ୍ରଭା ଦାସ, ଅଧ୍ୟାପକ କୈଳାଶ ଚନ୍ଦ୍ର ପାଢ଼ୀ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂରାଜୀ ବିଭାଗ ଅଧ୍ୟାପକ ରାଧାମାଧବ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇତିହାସ ବିଭାଗ ଅଧ୍ୟାପକ ସନ୍ତୋଷ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଚେତା କୁମାରୀ ସ୍ୱାଇଁ, ସୁଧୀରା ମହାପାତ୍ର, ରାମକୃଷ୍ଣ ପାତ୍ର, ସନ୍ୟାସୀ ପାତ୍ର, ରବୀନ୍ଦ୍ର ଗୌଡ଼, ନଳିନୀ ଜେନା ସହଯୋଗ କରିଥିଲେ।

## ଅବକାରୀ ଚଢ଼ଉ, ନିଶା ବେପାରୀ ଛାନିଆ

ଭଞ୍ଜନଗର, ୨୫।୮ (ସମିସ): ଭଞ୍ଜନଗର ଅଞ୍ଚଳରେ ନିଶା କାରବାର ରୋକିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ ଜାରି ରହିଛି। ସେହିପରି ଦୁର୍ଘଟଣା ହାର କମାଇବା ପାଇଁ ପୁଲିସ ପକ୍ଷରୁ ନିଶା ସେବନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ପ୍ରତି ମଧ୍ୟ ରୀତିମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବେଆଇନ ମଦ ଓ ନିଶାଦ୍ରବ୍ୟ ବିକ୍ରି କରୁଥିବା ବ୍ୟବସାୟୀମାନେ ମଧ୍ୟ ପୁଲିସ ନଜରରେ ରହିଛନ୍ତି। ଯାହା ଫଳରେ ସହରରେ ନିଶାଦ୍ରବ୍ୟ ବିକ୍ରି ବହୁତ ପରିମାଣରେ ହ୍ରାସ ପାଇଛି। ହେଲେ ବର୍ତ୍ତମାନ ଗୁଟକା ଓ ମାଦକ ଦ୍ରବ୍ୟ ସେବନ କରି ବହୁ ଛାତ୍ର ଓ ଯୁବକ କ୍ୟାନସର ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏସବୁ ଦ୍ରବ୍ୟ ବିକ୍ରୀ କରୁଥିବା ବ୍ୟବସାୟୀମାନେ ମଧ୍ୟ ଆଜି ଏଥିରୁ ନିସ୍ତାର ପାଇ ନାହାନ୍ତି। ପୁଲିସ, ଅବକାରୀ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ସ୍କୁଲ ଓ କଲେଜ ଠାରୁ ଶହେ ମିଟର ପରିଧିରେ ଥିବା ଦୋକାନ ଗୁଡ଼ିକରେ ଯାଞ୍ଚ କରି ସେଠାରୁ ଗୁଟକା ଓ ମାଦକ ଦ୍ରବ୍ୟକୁ ଜବତ କରି ଅର୍ଥଦଣ୍ଡ ସହ ବ୍ୟବସାୟୀଙ୍କୁ ତାଗିଦ କରାଯାଇଛି। ଏଥିସହ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ ବସ ଷ୍ଟାଣ୍ଡରେ ଥିବା ମୋଟ ୧୮ ଟି ଦୋକାନ ଉପରେ ଚଢ଼ାଉ କରି ପ୍ରାୟ ୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ଜଣାପଡ଼ିଛି।

## ମିଳୁନି ୟୁରିଆ; ଫାଇଦାରେ ଅସାଧୁ ବ୍ୟବସାୟୀ

ପୋଲସରା,୨୫।୮ (ସମିସ): ପୋଲସରା ଓ ଏହାର ଆଖପାଖ ଅଞ୍ଚଳରେ ୟୁରିଆ ସାରର ଅଭାବୀ ବିକ୍ରି ଦେଖାଦେଇଛି। ଏହାର ସୁଯୋଗ ନେଇ କଳାବଜାରୀ ଚଢ଼ା ଦରରେ ବିକୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ସମୟ ପୂର୍ବରୁ ମୌସୁମୀ ଆସିଥିଲା ଓ ବର୍ଷା ମଧ୍ୟ ଭଲ ହୋଇଥିବା କାରଣରୁ ଧାନ ରୁଆ କାର୍ଯ୍ୟ ଶୀଘ୍ର ଶେଷହୋଇଛି। ତେଣୁ ଧାନ ରୁଆ ୧୫ ରୁ ୨୦ ଦିନ ଭିତରେ ଏପରିକି ଅତିବେଶୀରେ ୨୫ ଦିନ ଭିତରେ ୟୁରିଆ ସାରର ଆବଶ୍ୟକତା ରହିଥାଏ। ଯଦି ଏହି ସମୟରେ ଚାଷୀ ସାର ନ ପକାଏ ତାହାଲେ ବର୍ଷ ଯାକ ପାଇଁ କରିଥିବା ପରିଶ୍ରମ ସବୁ ମାଟିରେ ମିଶିଯିବ। ଯଦି ଏହି ସମୟରେ ୟୁରିଆ ସାରର ପ୍ରୟୋଗ ନହୁଏ ତାହାଲେ ଧାନ ଗଛ ବଢ଼ିବାରେ ଅସୁବିଧା ହେବା ସହ ଉତ୍ପାଦନରେ ମଧ୍ୟ ହ୍ରାସ ପାଇବ। ସେଥିପାଇଁ ଚାଷୀକୁଳ ଏହି ସମୟରେ ସାର ପାଇବା ପାଇଁ ଏଣେତେଣେ ବୁଲିଥାଏ। ସେଥିପାଇଁ ସରକାରଙ୍କ ତରଫରୁ ସମବାୟ ସଂସ୍ଥା ଓ ଅନ୍ୟାନ ସଂସ୍ଥାରୁ ଯାହା ପିଡ଼ିଆ ମିଳେ ତାହା ସମୁଦ୍ରକୁ ଶଙ୍ଖେ। ଅନ୍ୟ ପକ୍ଷରେ ସମବାୟ ସମିତିରେ ଆବଶ୍ୟକ ଅନୁଯାୟୀ ପ୍ରର୍ଯ୍ୟାପ୍ତ ପରିମାଣର ସାର ମିଳୁନଥିବା ହେତୁ ସାର କଳା ବଜାରୀ ବା ଚଢା ଦରରେ ବିକ୍ରି ହେଉଛି। କିନ୍ତୁ ପରିତାପର କଥା ହେଲା ଚାଷୀଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ଫାଇଦା ଉଠାଉଛନ୍ତି କିଛି ସାର ବ୍ୟବସାୟୀ। ଯେଉଁ ୟୁରିଆ ସାର ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁସାରେ ୨୬୭ଟଙ୍କାରେ ବିକ୍ରି ହେବା କଥା ତାହା ଚାଷୀଙ୍କ ଆବଶ୍ୟକତାକୁ ଜାଣି ୫୫୦ରୁ ୬୦୦ ଶହ ଟଙ୍କାରେ ବିକ୍ରି କରୁଥିବା ନେଇ ବର୍ତ୍ତମାନ ପୋଲସରା ବ୍ଲକ ତଥା ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସବୁବେଳେ ଧାନ ଚାଷ ସମୟରେ ଏଭଳି ସାର ର ଅଭାବୀ ବିକ୍ରି କାରଣରୁ ଚାଷୀକୁଳ ନା ନା ପ୍ରକାର ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ଛ ଏପରିକି ଚାଷ କାମ ପ୍ରତି ମନୋବଳ କମି କମି ଯାଉଥିବା ଅଂଚଳରେ ଚାଷୀଙ୍କ ମୁହଁରେ ଏବେ ଶୁଣିବାକୁ ମିଳୁଛି। ଆଗାମୀ ଦିନରେ ଚାଷୀଙ୍କୁ ଠିକ ସମୟରେ ୟୁରିଆ ସାର ପର୍ଯ୍ୟାପ୍ତ ମହଜୁଦ ରଖିବା ସହ ଉଚିତ ମୂଲ୍ୟରେ ସାର ଯୋଗାଣ କରିବା ପାଇଁ ଆଞ୍ଚଳିକ ଚାଷୀ ନେତା ସୁବାସ ଚନ୍ଦ୍ର ସାହୁ, ଚିତ୍ରସେନ ସାହୁ, ସୂରିୟା ଗୌଡ଼, ଶିବପ୍ରସାଦ ସାହୁ, ଚିନ୍ମୟ ସାହୁ, ରୋହିତ ପ୍ରଧାନ, ଟୁକୁନା ବିଷୋୟୀ, ଶିବଶଙ୍କର ସାହୁ ପ୍ରମୁଖ ଦାବି କରିଛନ୍ତି। ଏନେଇ ପୋଲସରା ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ସାହୁଙ୍କୁ ପଚାରିବାରୁ ବର୍ତ୍ତମାନ ପୋଲସରା ଓ ଏହାର ଆଖପାଖ ଅଞ୍ଚଳ ଗସ୍ତ କରି ବିଭିନ୍ନ ପିଡିଆ ଗୋଦାମକୁ ପରିଦର୍ଶନ କରାଯିବ। ଯେଉଁଠି ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ମାତ୍ରାରେ ୟୁରିଆ ସାରର କଳାବଜାରୀ ହେଉଥିବା ଜଣାପଡିବ ସରକାରଙ୍କ ଆଇନ୍ ଅନୁଯାୟୀ ସେମାନଙ୍କୁ ବ୍ଲାକଲିଷ୍ଟ କରାଯିବ ବୋଲି କହିଛନ୍ତି।

## ଫାଷ୍ଟ ଫୁଡ୍ ଦୋକାନରୁ ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି,୨୫।୮ (ସମିସ): ଦିଗପହଣ୍ଡି ବ୍ଲକ ଗୌଡ଼ ଗାଁର ପ୍ରଦୀପ ବେହେରାଙ୍କ ଫାଷ୍ଟଫୁଡ଼ ଦୋକାନ ଉପରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଇନ୍ସପେକ୍ଟର ମନିଷା ଭୋଳ ଚଢ଼ଉ କରି ୯୦ଟି ବିଦେଶୀ ମଦ ବୋତଲ ଜବତ କରିଛନ୍ତି। ଫାଷ୍ଟଫୁଡ଼ ଦୋକାନୀ ଗାଁରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରୀ କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଦୋକାନ ଭିତରେ ଅବକାରୀ କର୍ମଚାରୀ ବୃନ୍ଦ ଖାନ ତଲାସ କରାଯିବାରୁ ମଦ ବୋତଲ ଥିବା ଜଣାପଡିଥିଲା। ସେ ବିକ୍ରୀ ପାଇଁ ମଦ ମହଜୁଦ ରଖିଥିବା ସ୍ୱୀକାର କରିଥିଲେ। ପରେ ତାଙ୍କୁ ଗିରଫ କରି ଅବକାରୀ ମାମଲା ନଂ.୫୫/୨୫-୨୬ ଅନୁଯାୟୀ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ସାକ୍ଷ୍ୟ ମାନଙ୍କ ଉପସ୍ଥିତିରେ ଜବତ ମଦରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଜିଲ୍ଲା ଫରେନ୍ସିକ ଲ୍ୟାବକୁ ପଠାଯାଇଛି।

## ଜାତୀୟ ଜୁନିଅର୍ ବାସ୍କେଟବଲ୍ ଲାଗି ଓଡ଼ିଶା ଦଳର ପ୍ରସ୍ତୁତି



ବ୍ରହ୍ମପୁର, ୨୫।୮ (ସମିସ): ଜାତୀୟ ଜୁନିଅର ବାସ୍କେଟବଲ୍ ଚାମ୍ପିଅନସିପ୍‌ର ୭୫ତମ ସଂସ୍କରଣ ସେପ୍ଟେମ୍ବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନରେ ଖେଳାଯିବ। ଏଥିଲାଗି ଓଡ଼ିଶା ୧୯ ବର୍ଷରୁ କମ୍ ପୁରୁଷ ବାସ୍କେଟବଲ୍ ଦଳ କୋଚିଂ କ୍ୟାମ୍ପ ବ୍ରହ୍ମପୁରସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଆଗେଇ ଚାଲିଛି। ଅଗଷ୍ଟ ୪ରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପରେ ୧୫ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଭାରତୀୟ ବାସ୍କେଟବଲ୍ ଦଳର ପୂର୍ବତନ ଅଧିନାୟକ ରିୟାଜ ଉଦ୍ଦିନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଛି। ଏଥିରେ ଓଡ଼ିଶା ଦଳର ପୂର୍ବତନ ଖେଳାଳି ପ୍ରଶାନ୍ତ ନାୟକ ମଧ୍ୟ ସହକାରୀ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଆଉ ଦୁଇଦିନ ଧରି କ୍ୟାମ୍ପ୍ ଚାଲିବ। ଏହାପରେ ଚୂଡ଼ାନ୍ତ ୧୨ ଜଣିଆ ଓଡ଼ିଶା ଦଳ ଲୁଧିଆନା ଗସ୍ତ କରିବ ବୋଲି ସହକାରୀ ପ୍ରଶିକ୍ଷକ ପ୍ରଶାନ୍ତ ସୂଚନା ଦେଇଛନ୍ତି। ନିଷ୍ଟ ବିଶ୍ୱବିଦ୍ୟାଳୟର ସଭାପତି ସୁକାନ୍ତ କୁମାର ମହାପାତ୍ର, କ୍ରୀଡ଼ା ବିଭାଗର ସରୋଜ ପାଢ଼ୀ ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିର ପରିଚାଳନା ଲାଗି ସମସ୍ତ ସହଯୋଗ ଯୋଗାଇ ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ଜନ ଅଭିଯୋଗ ଶୁଣାଣି















କୋଦଳା,୨୫।୮ (ସମିସ)

ବେଗୁନିଆପଡ଼ା ବ୍ଲକ୍ ପରିସରରେ ଜିଲ୍ଲାସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାଷନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଉପ ଜିଲ୍ଲାପାଳ ଶିବାଶିଷ ବରାଳ, ଏସଡିପିଓ ସୁଜିତ କୁମାର ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କୋଦଳା ତହସିଲଦାର ସସ୍ମିତା ଶତପଥି, ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ, କୋଦଳା ଥାନା ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ପଣ୍ଡା, ସିଡିପିଓ ଲିଲିମା ଟପ୍ପୋ, ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ମମତା ପଣ୍ଡା, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ବାଡ଼ତ୍ୟା, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ଶଙ୍କର ରାଓ ପାତ୍ର, ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଗା ପ୍ରସାଦ ପଣ୍ଡା, ବ୍ଲକ୍ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ନବୀନ କୁମାର ମାଝୀ, କୃଷି ବିଭାଗ ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ, କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତି ଥିଲେ । ମୁଖ୍ୟ ଅଭିଯୋଗ ମଧ୍ୟରେ ଅଙ୍ଗାର ଗାଁରେ ଫାଣ୍ଡି ସ୍ଥାପନ କରିବା, ମଠ ସରସିଂ ପଞ୍ଚାୟତ ସେବା ସମବାୟ ସମିତିର ସମ୍ପାଦକଙ୍କ ଦୁର୍ବ୍ୟବହାର ସହ ୩୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଥିଲା। ରେଡକ୍ରସ ପାଣ୍ଠିରୁ ଚାରିଜଣଙ୍କୁ ନଗଦ ୨୨୫୦୦ ଟଙ୍କା ପ୍ରଦାନ କରିଥିଲେ ଜିଲ୍ଲାପାଳ।

**ଧରାକୋଟ:** ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଭାରପ୍ରାପ୍ତ ବିଡ଼ିଓ ସୁଶୀଲ ପଟ୍ଟନାୟକ, ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁଧାକର ସ୍ୱାଇଁ, ସମିତି ସଭ୍ୟ ବନବାସ ବେହେରା, ଯୋଗାଣ ଅଧିକାରୀ ସଂଜୟ ମଲ୍ଲିକ, ନିର୍ବାହୀ ଅଧିକାରୀ ଆଶୁତୋଷ ଦୋରା, ଏଡିଓ ବିଦେଶୀ ଗୌଡ଼, ଆର ଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ଏପିଓ ନନ୍ଦିନୀ ଦାସ୍, ବିଏସଏସଓ ସଚିନ୍ ପାତ୍ର, ଡଃ ସଚିଦାନନ୍ଦ ବିଷୋୟୀ, ଏବିଓ ବିଭୂତି ଭୂଷଣ ପାତ୍ର, ବିପିସି ଶୁଶାନ୍ତ ନାୟକଙ୍କ ସମେତ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଶୁଣାଣିରେ ୧୫୫ ଜଣ ନିଜର ଲିଖିତ ଅଭିଯୋଗ ଦାଖଲ କରିଥିଲେ।

**ପୋଲସରା:** ପୋଲସରା ବ୍ଲକ ଅନ୍ତର୍ଗତ ବେଲଗାଁ ପଞ୍ଚାୟତରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶଶୀ ଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଲଗାଁ, ଛଞ୍ଚାଣିଆପଲ୍ଲୀ, ବଘାଡି, ମଧୁସୂଦନପୁର, ଡିମ୍ବିରିଆ ଗ୍ରାମବାସୀ ବିଭିନ୍ନ ସମସ୍ୟା ଜଣାଇଥିଲେ। କାର୍ଯ୍ୟକ୍ରମରେ ମୋଟ ୧୫୫ ଜଣ ମହିଳା ଓ ପୁରୁଷ ନିଜର ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ସାହୁ, ବ୍ଲକ ଶିକ୍ଷାଧିକାରୀ ଶ୍ରୀହର୍ଷ ବାବୁ ଖାଡ଼ଙ୍ଗା, ଥାନାଧିକାରୀ କୌଶିକ ମାଝୀ, ଖାଦ୍ୟ ଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ସିଡିପିଓ ଟିଲୋତମା ରାଉତ ସମେତ ବିଭିନ୍ନ ବିଭାଗର କର୍ମଚାରୀ ସମେତ ବ୍ଲକର ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

**ଶେରଗଡ:** ଶେରଗଡ ବ୍ଲକ କୃଷ୍ଣଛାଇ ପଞ୍ଚାୟତରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡ଼ିଓ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥ, ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳ, ଇଉଗ ଜରଙ୍ଗଂରଭଙ୍ଗର ଦେବଦତ୍ତ ପଣ୍ଡା, ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ସିଡିପିଓ ମମତାଞ୍ଜଳି ପଣ୍ଡା, ସ୍ଥାନୀୟ ସରପଞ୍ଚ ପ୍ରମିତା ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତି ନିବେଦିତା ପ୍ରଧାନଙ୍କ ସହିତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆଜିର ଏହି ଜନଶୁଣାଣି ବେଳେ ପଞ୍ଚାୟତ ରୁ ମୋଟ ୧୯୭ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ମାନେ ସହଯୋଗ କରିଥିଲେ। ଅଭିଯୋଗ ପତ୍ର ପ୍ରଦାନ ଲାଗି ବହୁତ ଆଶାୟୀ ଅପେକ୍ଷା କରିଥିବାବେଳେ ପ୍ରଶାସନିକ ଅଧିକାରୀ ମାନେ ଜନଶୁଣାଣି ଅଧାରୁ ଚାଲି ଯାଇଥିବା ଦେଖିବାକୁ ମିଳିଥିଲା।

**ସୋରଡ଼ା:** ସୋରଡ଼ା ବ୍ଲକ ସୁରମଣୀ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୯ ଟି ଅଭିଯୋଗ ଆସିଥିବା ବେଳେ ତତକ୍ଷଣାତ ହିଁ ୬୨ଟି ସମସ୍ୟା ର ସମାଧାନ କରାଇଯାଇଛି। ସୋରଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବ ରାଜ ସେନାପତି, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଜିତ ବେହେରା, ସୋରଡ଼ା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୮୪ ଟି ଅଭିଯୋଗ ଆସିଛି। ବିଶେଷ କରି ନୂଆ ରାସନ କାର୍ଡ ପାଇବାରେ ସମସ୍ୟା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ଆବାସ ଯୋଜନାରେ ଘର ପାଇବା ସମସ୍ୟା ସମ୍ପର୍କରେ ସର୍ବାଧିକ ଅଭିଯୋଗ ଆସିଥିଲା। ବିଡ଼ିଓ ଦେବାଶିଷ ସାମଲଙ୍କ ସହିତ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଖଲ୍ଲିକୋଟ ଥାନାର ଅତିରିକ୍ତ ଆଇଆଇସି ପୂର୍ଣ୍ଣଚନ୍ଦ୍ର କିଶାନ, ଏବିଡିଓ ଗାୟତ୍ରୀ ପଣ୍ଡା, ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀ, ଚିକିଲି ସରପଞ୍ଚ ନୟନୀ ପ୍ରଧାନ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବିଜେପି ଯୁବ ନେତା ଅରୁଣ ଖୁଣ୍ଟିଆ ଓ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ କୋଟିନଡା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଣାଣିରେ ବ୍ରହ୍ମପୁର ମହାନଗର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ବିଡିଓ ଉମେଶ କୁମାର ସେଠୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରୋଜାଲିନ୍ ଦଳାଇ, ସରପଞ୍ଚ ଗୀତାଞ୍ଜଳି ବେହେରା, ସମିତି ସଭ୍ୟା ତମାଳ ନାୟକ, ସିଡ଼ିପିଓ ପୁଷ୍ପାଞ୍ଜଳି ଶତପଥି ପ୍ରମୁଖଙ୍କ ବହୁ ସଂଖ୍ୟକ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ । ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ଗ୍ରାମରୁ ୪୮ ଜଣ ହିତାଧିକାରୀ ନିଜର ବ୍ୟକ୍ତିଗତ ଏବଂ ଗ୍ରାମର ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ୨୦୨୨ ବ୍ୟାଚର ଓଏଏସ୍ ଟ୍ରେନି ଅଧିକାରୀ ବୃନ୍ଦ ଦିଗପହଣ୍ଡି ବ୍ଲକ ଗସ୍ତରେ ଆସି ବିଡ଼ିଓ ଏବଂ ତହସିଲଦାରଙ୍କ ସହ ବ୍ଲକ ଅଧିନ ବିଭିନ୍ନ ଗ୍ରାମର ଉନ୍ନୟନ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ। ପ୍ରଥମେ ସେମାନେ କୋଟିନଡାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଯୋଗଦାନ କରିବା ପରେ ସିଦ୍ଧେଶ୍ୱର ଗ୍ରାମ ସ୍ଥିତ ଆଦର୍ଶ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପଦ୍ମନାଭପୁର ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ପରିଭ୍ରମଣ କରି ସେଠାକାର ଅଧିକାରୀଙ୍କ ସହ ଆଲୋଚନା କରି ଫେରିଛି।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ ଗୌତମୀ ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ ଗୌତମୀ ପଞ୍ଚାୟତ ଅଞ୍ଚଳର ଜନ ସାଧାରଣ ମାନେ ଏହି ଶୁଣାଣିରେ ଯୋଗ ଦେଇ ସେମାନଙ୍କ ଅଭିଯୋଗ ଗୁଡିକ ଅଧିକାରୀ ମାନଙ୍କୁ ଭେଟି ଅବଗତ କରାଇଛନ୍ତି। ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଗୃହ ଯୋଗାଇବା, ଜମି ପଟ୍ଟା, ରାସନ କାର୍ଡ, ଭଳି ବିଭିନ୍ନ ସାମୁହିକ ଅଭିଯୋଗ ଗୁଡିକ ଦେଖିବାକୁ ମିଳିଛି। ଆଜି ୯୦ଟି ଅଭିଯୋଗର ଶୁଣାଣି ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିଜୟ କୁମାର ବେହେରା, ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭବାନୀ ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୋଲାଲିସା କିସ୍କୋ, ଗୋଷ୍ଠୀ କୃଷି ଅଧିକାରୀ ଜୟ ପ୍ରଭା ଆଚାର୍ଯ୍ୟଙ୍କ ସମେତ ଓଏସଏସ୍ ଟ୍ରେନିଂରେ ଥିବା ୧୦ ଜଣ ଅଧିକାରି, ସରପଞ୍ଚ ଝିଲି ରେଡ଼ି, ସମିତି ସଭ୍ୟ ଜନାର୍ଦ୍ଦନ ପୋଲାଇ ଓ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ଆସିକା:** ଆସିକା ବ୍ଲକର ଅଲିପୁର ପଞ୍ଚାୟତରେ ଜନ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ସରପଞ୍ଚ ଜ୍ୟୋତିର୍ମୟୀ ନାହାକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଟ ୬୭ଟି ଅଭିଯୋଗ ଆସିଥିଲା। ବିଡ଼ିଓ ଲିପିନା ଦାସ, ତହସିଲଦାର ସଙ୍ଗୀତା ସେନ, ଏବିଡ଼ିଓ ସୁଶାନ୍ତ ବେହେରା, ଥାନା ଅଧିକାରୀ କୂଳମଣି ସେଠୀ, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ବନ ଅଧିକାରୀ ଶରତ ବେହେରାଙ୍କ ସମେତ ବିଭିନ୍ନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠା ବ୍ଲକ୍ ଖଇରପୁଟି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିରରୁ ଅନୁଷ୍ଠିତ ହୋଇଯାଇଛି। ଖଇରପୁଟି ସରପଞ୍ଚ ସତ୍ୟବାନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଏବଂ ବେଲଗୁଣ୍ଠା ତହସିଲଦାର/ ବିଡ଼ିଓ କଳାକୃଷ୍ଣ ପ୍ରଧାନ ଉପସ୍ଥିତ ରହି ମିଳିତ ଜନ ଶୁଣାଣି କରିଥିଲେ। ଗାଙ୍ଗପୁର ପୁଲିସ୍ ଏବଂ ସମସ୍ତ ବିଭାଗର ପଦାଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣି ଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ୨୭୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା।

**କୁକୁଡ଼ାଖଣ୍ଡି:** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲୋଚାପଡା ପଞ୍ଚାୟତରେ ଜନ ଶୁଣାଣୀ ଶିବିର ଆୟୋଜନ ହୋଇଥିଲା। ପ୍ରାୟ ୧୪୪ଟି ଅଭିଯୋଗ ପତ୍ର ଆସିଥିବାବେଳେ ତତକ୍ଷଣାତ ୧୨ଟି ଅଭିଯୋଗ ସମାଧାନ ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ଭିଭୂତି ଭୂଷଣ ଜେନାଙ୍କ ପ୍ରତିନିଧି, କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକ, ବିଡ଼ିଓ ପଲ୍ଲବୀ ସ୍ୱାଇଁ, ସରପଞ୍ଚ ଏଲ ମୋହନ ରାଓ, ଟାଟା ପାୱାର କର୍ମଚାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

